# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.158 Bhubaneswar Friday, August 06, 2021 | ୨୪ତମ ବର୍ଷ ସଂଖ୍ୟା–୧୫୮ ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୦୬, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS





ବାଲୁକା ଶିଳ୍ପୀ ସୁବଲ ମହାରଣାଙ୍କ ଦ୍ୱାରା ଏସବିଆଇ ଭୁବନେଶ୍ୱର ମୁଖ୍ୟ ଶାଖାରେ ସ୍ୟାଣ୍ଡାର୍ଟ ମାଧ୍ୟମରେ ଭାରତୀୟ ପୁରୁଷ ହକି ଦଳକୁ ଅଭିନନ୍ଦନ ଓ ଶୁଭେଚ୍ଛା

## ଗୋଟିଏ ଦିନରେ ୧୩୪୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୫।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୩୪୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୩୫୨୩ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୬୩୭୧୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୩୫୧୬ ରହିଛି । ଆଜି ଚିହ୍ନଟ ହୋଇଥିବା ୧୩୪୨ ଜଣଙ୍କ ମଧ୍ୟରୁ ୭୭୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୬୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୧୩ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୯ ଜଣ, ବରଗଡ଼ରୁ ୮ ଜଣ, ଭଦ୍ରକରୁ ୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୬୪, ଦେବଗଡ ଜିଲ୍ଲାରୁ ୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୯ ଜଣ, ଗଜପତି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭୬ ଜଣ, ଯାଜପୁରରୁ ୬୬ ଜଣ, ଝାରସୁଗୁଡ଼ାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ୩ ଜଣ, କନ୍ଧମାଳ ଜିଲ୍ଲାରୁ ୫ ଜଣ. କେନ୍ଦ୍ରାପଡ଼ାରୁ ୪୩ ଜଣ, କେନ୍ଦୁଝରରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୭୭ ଜଣ, କୋରାପୁଟରୁ ୧୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୧ ଜଣ, ନବରଙ୍ଗପୁରରୁ ୨ ଜଣ, ନୟାଗଡ଼ରୁ ୨୮ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୩,ପୁରୀରୁ ୫୫ ଜଣ, ରାୟଗଡ଼ାରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୮ ଜଣ, ସୋନପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୧୩ ଜଣ ଓ ଷ୍ଟେଟ୍ ପୁଲରୁ ୧୦୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଝାରସୁଗୁଡାର ୧୨୬ ବର୍ଷ ପୁରୁଣା ପୋଷ୍ଟ ଅଫିସ୍‌କୁ 'ଐତିହ୍ୟ ପୋଷ୍ଟ ଅଫିସ୍'ର ମାନ୍ୟତା ଦେବା ପାଇଁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରାଧନ

ନୂଆଦିଲ୍ଲୀ / ଭୁବନେଶ୍ୱର, ୫।୮(ପି.ଏନ): ଝାରସୁଗୁଡାର ୧୨୬ ବର୍ଷ ପୁରୁଣା ପୋଷ୍ଟ ଅଫିସ୍‌କୁ 'ଐତିହ୍ୟ ପୋଷ୍ଟ ଅଫିସ୍ ସୌଧ' ଭାବେ ଘୋଷଣା କରିବା ସହ ଏହାର ପୁନଃଉଦ୍ଧାର, ରକ୍ଷଣାବେକ୍ଷଣ ଓ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ କେନ୍ଦ୍ର ଦୂରସଂଚାର, ରେଳ, ଇଲେକଟ୍ରନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ବୁଧବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରାଧନ ପତ୍ର ଲେଖି ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଝାରସୁଗୁଡା ପୋଷ୍ଟ ଅଫିସ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବିଜେପି ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀଙ୍କ ଠାରୁ ଏକ ପତ୍ର ପ୍ରାପ୍ତ କରିଥିଲେ । ବେଙ୍ଗଲ - ନାଗପୁର ରେଲଲାଇନ୍‌ରେ ଝାରସୁଗୁଡା ରେଳ ଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ୧୮୯୫ ମସିହାରେ ଝାରସୁଗୁଡା ପୋଷ୍ଟ ଅଫିସ ସ୍ଥାପନା କରାଯାଇଥିଲା । ସ୍ୱାଧୀନତା ପୂର୍ବରୁ ପଶ୍ଚିମ ଓଡିଶାରେ ଝାରସୁଗୁଡା ଅର୍ଥନୈତିକ ପେଣ୍ଠସ୍ଥଳି ଭାବେ ପରିଣତ କରିବାରେ ଏହି ୧୨୬ ବର୍ଷ ପୁରୁଣା ପୋଷ୍ଟ ଅଫିସର ଝାରସୁଗୁଡାର ଆଧୁନିକ ଇତିହାସରେ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ଭାରତରେ ଭାରତୀୟ ଡାକ ସେବା ଦ୍ୱାରା ବିହାର, ଦିଲ୍ଲୀ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, କେରଳ, କର୍ଣ୍ଣାଟକ, ଉତର ପ୍ରଦେଶ, ତାମିଲନାଡୁ ଓ ପଶ୍ଚିମବଙ୍ଗରେ ଥିବା ୩୬ ଟି ଐତିହ୍ୟ ପୋଷ୍ଟ ଅଫିସ୍‌ର ରକ୍ଷଣବେକ୍ଷଣ କରାଯିବା ସହ ଭାରତୀୟ ଡାକ ସେବାର ଗୌରବମୟ ଇତିହାସ, ସାମାଜିକ ଓ ସାଂସ୍କୃତିକ ମହତ୍ୱକୁ ଦୃଷ୍ଟିରେ ରଖି ପୋଷ୍ଟ ଅଫିସ୍‌କୁ ଐତିହ୍ୟ ପୋଷ୍ଟ ଅଫିସ୍ ଭାବେ ମାନ୍ୟତା ଦେବା ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ।ଏହି ପରିପ୍ରେକ୍ଷିରେ ୧୮୯୫ ମସିହାରେ ସ୍ଥାପିତ ଝାରସୁଗୁଡା ପୋଷ୍ଟ ଅଫିସର ଇତିହାସ ଏବଂ ଜିଲ୍ଲାର ବିକାଶ ପ୍ରତି ଥିବା ଅବଦାନକୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ହସ୍ତକ୍ଷେପ କରି ଏହାକୁ ଐତିହ୍ୟ ପୋଷ୍ଟ ଅଫିସ୍ ଭାବେ ମାନ୍ୟତା ଦେବା ସହ ଏହାର ପୁନଃଉଦ୍ଧାର କରିବା ପାଇଁ ପତ୍ରରେ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରାଧନ ।

## ୩ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୫।୮(ପି.ଏନ):ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ଥିବା ହେତୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୁରଭଞ୍ଜ, ଅନୁଗୁଳ, ଢ଼େଙ୍କାନାଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ ଓ ରାୟଗଡା ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯିବା ସହିତ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।ସେହିପରି ଅଗଷ୍ଟ ୬ରୁ ୭ ତାରିଖ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରଯାଇଛି।

## ୧୬ରୁ ନବମ ଶ୍ରେଣୀ ପାଠପଢା

ଭୁବନେଶ୍ୱର, ୫।୮(ପି.ଏନ): ରାଜ୍ୟରେ ଅଗଷ୍ଟ ୧୬ରୁ ଆରମ୍ଭ ହେବ ୯ମ ଶ୍ରେଣୀ କ୍ଲାସ । ସକାଳ ୯ଟାରୁ ଦିନ ୧୨ଟା ୩୦ ପର୍ଯ୍ୟନ୍ତ ନବମ ଶ୍ରେଣୀ ପାଠପଢା ହେବ। ଏଥିସହ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରାବାସ ମଧ୍ୟ ଖୋଲିବ। କୋଭିଡ୍ କଟକଣା ମଧରେ କ୍ଲାସ କରିବାକୁ ଗଣଶିକ୍ଷା ସଚିବ ଚିଠି ଲେଖିଛନ୍ତି। ସୂଚନା ଅନୁଯାୟୀ ରବିବାର ଓ ସାଧାରଣ ଛୁଟିରେ କ୍ଲାସ ହେବ ନାହିଁ। ସ୍କୁଲ ଖୋଲିଲେ ମଧ୍ୟ ଛାତ୍ରଛାତ୍ରୀ କ୍ଲାସ ଆସିବାକୁ ବାଧ୍ୟ ନୁହନ୍ତି। ଅଭିଭାବକ ଚାହିଁଲେ ପିଲାମାନେ ଅନଲାଇନ୍ କ୍ଲାସ କରିପାରିବେ।

## ପାରମିତା ଶତପଥୀ ପାଇବେ ଶାରଳା ପୁରସ୍କାର



ଭୁବନେଶ୍ୱର, ୫।୮(ପି.ଏନ): କଥାକାର ପାରମିତା ଶତପଥୀ ଇମ୍ପାକ୍ଟ ପକ୍ଷରୁ ୪୨ତମ ଶାରଳା ପୁରସ୍କାର ପାଇବେ। ପଶ୍ଚିମା ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ଉପନ୍ୟାସ 'ଅଭିପ୍ରେତ କାଳ' ପାଇଁ ସେ ଶାରଳା ପୁରସ୍କାର ପାଇବେ। ପୁରସ୍କାର ସ୍ୱରୂପ ୫ ଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ। କୋଭିଡ୍ ପାଇଁ ଚଳିତ ବର୍ଷ ବ୍ୟକ୍ତିଗତ ଭାବେ ପୁରସ୍କାର ପ୍ରଦାନ କରାଯିବ।

## ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ପ୍ରସଙ୍ଗରେ ପୁଣି ବର୍ଷିଲା ବିଜେପି

ଭୁବନେଶ୍ୱର, ୫।୮(ପି.ଏନ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡିଶାକୁ ବର୍ତମାନ ସୁଦ୍ଧା ୩୦ ଲକ୍ଷ ପକ୍କା ଘର ଆସିଛି । କିନ୍ତୁ ଦୁର୍ଭାଗ୍ୟର କଥା ରାଜ୍ୟ ସରକାର ଦଳୀୟ କର୍ମୀମାନଙ୍କୁ ପକ୍କା ଘର ଯୋଗାଇ ଚାଲିଛନ୍ତି । ଆବାସ ଯୋଜନାରେ ମହାଦୁର୍ନୀତି ହୋଇଛି ବୋଲି କେନ୍ଦ୍ରୀୟ ଟିମ୍ ଜଣାଇବା ପରେ ବି ରାଜ୍ୟ ସରକାର କାହିଁକି ପକ୍କାଘର ବଂଟନ କେଳେଙ୍କାରୀରେ ସାମିଲ ଥିବା ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି ବୋଲି ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତିରେ ଯେଉଁ ପ୍ରଶାସନିକ ଅଧିକାରୀମାନଙ୍କର ହାତ ରହିଛି ସେମାନଙ୍କୁ ପୁଲିସ କେବେ ଗିରଫ କରିବ ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ । ରାଜ୍ୟ ସରକାର କେବଳ ନିର୍ବାଚନ ବୈତରଣୀ ପାର୍ ହେବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି । ଗତ ନିର୍ବାଚନରେ ରାଜ୍ୟ ସରକାର ପିଠା ଯୋଜନା କରିଥିଲେ । ସେହି ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଆଜି ଯାଏଁ ପକ୍କା ଘର ମିଳିଲା ନାହିଁ । ପକ୍କା ଘର ବଂଟନରେ ୧ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ବିଜେପି ପୂର୍ବରୁ ଅଭିଯୋଗ କରିଥିଲା । ବେଗୁନିଆ ପଂଚାୟତରେ କେବଳ ଜଣେ ପିଇଓଙ୍କୁ ନିଲମ୍ବନ କରି ପ୍ରଶାସନ ଚୁପ୍ ବସିଛି । ବିଜେପି ପ୍ରତିନିଧୀ ଦଳ ତିହିଡି ବ୍ଲକ ଅଧ୍ୟକ୍ଷାଙ୍କ ନୂଆପାଟଣା ଗାଁକୁ ଯାଇ ବିଭିନ୍ନ ଅବ୍ୟବସ୍ଥା ଦେଖିଛନ୍ତି । ତିହିଡି ବ୍ଲକ ଅଧ୍ୟକ୍ଷାଙ୍କ ନିଜ ଗ୍ରାମରେ ବିଜୁଳି ପହଂଚି ପାରି ନାହିଁ । ନାଳ ନର୍ଦ୍ଦମା ପାଣି ରାସ୍ତା ଉପରେ ଭାସୁଛି । ଚତୁର୍ଦ୍ଦଶ ଅର୍ଥ କମିଶନରେ ମୋଦି ସରକାର ପ୍ରତି ପଂଚାୟତକୁ ବ୍ୟାପକ ମାତ୍ରାରେ ଅର୍ଥ ପଠାଉଥିଲେ ସୁଦ୍ଧା ରାଜ୍ୟ ସରକାର ଏହି ଅର୍ଥକୁ ହରିଲୁଟ୍ କରୁଛନ୍ତି । ଚତୁର୍ଦ୍ଦଶ ଅର୍ଥ କମିଶନରେ ଆସିଥିବା ଅର୍ଥ କୁଆଡେ ଗଲା ଏବଂ କାହିଁକି ଖର୍ଚ୍ଚ ହୋଇନାହିଁ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଜଣେ ବି ଅଯୋଗ୍ୟ ହିତାଧିକାରୀକୁ ପକ୍କା ଘର ନଦିଆଯାଉ । ଯେଉଁ ଅଧିକାରୀ ଏହି ଦୁର୍ନୀତିରେ ସିଧାସଳଖ ସମ୍ପୃକ୍ତ, ତାଙ୍କ ଉପରେ କଠୋର ଓ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀ ମହାନ୍ତି ଦାବି କରିବା ସହ ଶେଷ ଯୋଗ୍ୟ ହିତାଧିକାରୀ ଘର ନପାଇବା ଯାଏଁ ବିଜେପି ଲଢେଇ ଜାରି ରଖିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ଭାରତୀୟ ହକି ଖେଳାଳୀଙ୍କ ସହ କଥା ହୋଇ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୮(ପି.ଏନ): ଅଲିମ୍ପିକ ପ୍ରତିଯୋଗୀତାରେ ଭାରତ ବ୍ରୋଂଜ ପଦକ ବିଜୟୀ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ହକି ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ସେ ବିଜୟୀ ଟିମର ସଦସ୍ୟ ମାନଙ୍କ ସହ କଥାବାର୍ତା ହୋଇ ଚିତାକର୍ଷକ ବିଜୟ ପାଇଁ ଖେଳାଳୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ଚଣ୍ଡିଖୋଲ,୫।୮(ପି.ଏନ): ଧର୍ମଶାଳା କ୍ଷେତ୍ରପାଳ ଗ୍ରାମର ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କ ପତ୍ନୀ ସାବିତ୍ରୀ ସାହୁଙ୍କର ୭୬ ବର୍ଷ ବୟସରେ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି। ମର ଶରୀର ନିକଟରେ ବଡ଼ ପୁଅ ସମାଜସେବୀ ଫକୀର ନାରାୟଣ ମହାପାତ୍ର ଓ ପରିବାର ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଶୋକ ବ୍ୟକ୍ତକରିଛନ୍ତି। ମର ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ କରାଯାଇଥିଲା ସାନ ପୁଅ ସନ୍ତୋଷ ମହାପାତ୍ର ମୁଖାଗ୍ନି ଦେଇଥିଲେ।







ମଧ୍ୟ ରେଲୱେ ନାଗପୁରର ଉପମହା ପ୍ରବନ୍ଧକ ଶ୍ରୀ ଅନୁପ ଶତପଥୀଙ୍କ ଦ୍ୱାରା ରୋଟାରୀ କ୍ଲବ ମାଧ୍ୟମରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

## ହକି ପିଲାଙ୍କ ଗହଣରେ ବିଜୟ ଉତ୍ସବ ପାଳିଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୫।୮(ପି.ଏନ): ଭାରତୀୟ ପୁରୁଷ ହକି ଦଳ ଆଜି ଟୋକିଓ ଅଲିମ୍ପିକ୍‌ରେ ବ୍ରୋଞ୍ଜ ପଦକ ହାସଲ କରିବା ପରେ କ୍ରୀଡ଼ା ଓ ଯୁବସେବା ତଥା ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ଭାରତୀୟ ଦଳକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ହକି ପିଲାଙ୍କ ଗହଣରେ ଉତ୍ସବ ପାଳନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ଓଡ଼ିଶା ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସମସ୍ତ ହକିପ୍ରେମୀମାନଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।ଆଜି ମନ୍ତ୍ରୀ ଶ୍ରୀ ବେହେରା କଳିଙ୍ଗ ଷ୍ଟାଡିୟମସ୍ଥିତ ହକି ହାଇପରଫର୍ମାନ୍ସ ସେଂଟର ପରିସରରେ ହକି ଖେଳାଳୀଙ୍କୁ ମିଠା ଖୁଆଇବା ସହ ଅଲିମ୍ପିକ୍ ବିଜୟର ଉତ୍ସବ ପାଳନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା କହିଲେ ଯେ ଭାରତୀୟ ପୁରୁଷ ହକି ଦଳ ଆଜି ନିଜର ଅଦମ୍ୟ ପରାକାଷ୍ଠା ସହ ଦୀର୍ଘ ୪୧ ବର୍ଷ ପରେ ବ୍ରୋଞ୍ଜ ପଦକ ହାସଲ କରିଛି । ଆଜିର ଦିନ ସମଗ୍ର କ୍ରୀଡ଼ା ଇତିହାସରେ ଏକ ଗୌରବମୟ ଦିନ ହୋଇ ରହିବା ସହ ଆଗାମୀ ପିଢ଼ିର ଖେଳାଳୀମାନଙ୍କୁ ବେଶ୍ ପ୍ରେରଣା ଯୋଗାଇବ । ଆସନ୍ତାକାଲି ଭାରତୀୟ ମହିଳା ଦଳ ବ୍ରୋଞ୍ଜ ପଦକ ପାଇଁ ଖେଳିବାକୁ ଯାଉଥିବାବେଳେ ଆଜିର ଉତ୍ସାହ ସେମାନଙ୍କୁ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି ।ବିଗତ ୮-୧୦ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ରୀଡ଼ା ପ୍ରତି ଭଲପାଇବା ଏବଂ କ୍ରୀଡ଼ା ଭିତିଭୂମିର ବିକାଶ ପାଇଁ ତାଙ୍କ ପ୍ରତିବଦ୍ଧତା ଆଜି ଆମକୁ ସଫଳତାର ସୋପାନରେ ପହଂଚାଇପାରିଛି । ମୁଖ୍ୟମନ୍ତ୍ରୀ ଭାରତର ପୁରୁଷ ଓ ମହିଳା ହକି ଦଳକୁ ୫ ବର୍ଷ ପାଇଁ ପ୍ରାୟୋଜନ କରିବା ପାଇଁ ଯେଉଁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ଆମେ ତାକୁ ପାଳନ କରିଆସୁଛୁ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ।ମୁଖ୍ୟମନ୍ତ୍ରୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରି ଭାରତୀୟ ପୁରୁଷ ହକି ଦଳ ଆଜି ଯେଉଁ ଅଭୂତପୂର୍ବ ବିଜୟ ହାସଲ କଲେ ତାହା ବର୍ତମାନର କ୍ରୀଡ଼ାବିତ୍‌ଙ୍କୁ ବେଶ୍ ପ୍ରେରଣା ଯୋଗାଇବ । ଏହି ପରିପ୍ରେକ୍ଷୀରେ ଆଗାମୀ ପିଢ଼ିର ଖେଳାଳୀମାନଙ୍କ ଲାଗି ଆମ ସରକାର ସ୍ପୋନର୍ସସିପ୍ ସହ କ୍ରୀଡ଼ା ଭିତିଭୂମି ପ୍ରତିଷ୍ଠା, ହାଇ ପରଫର୍ମାନ୍ସ ସେଂଟର ଏବଂ ତୃଣମୂଳ ସ୍ତରରୁ କୋଚିଂ ପ୍ରଦାନ ଲାଗି ଯେଉଁ ବ୍ୟବସ୍ଥା କରିଛନ୍ତି ତାହା ନିଶ୍ଚିତ ଭାବେ ଫଳପ୍ରଦ ହେବ। ଆମର ଦୃଢ଼ ପ୍ରଚେଷ୍ଟା ଆଗାମୀ ଦିନରେ ଓଡ଼ିଶାରେ ବହୁତ ଭଲ ଖେଳାଳୀ ସୃଷ୍ଟି କରି ଆମ ରାଜ୍ୟ ତଥା ଦେଶ ପାଇଁ ଗର୍ବ ଓ ଗୌରବ ଆଣିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ।ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ଭାରତୀୟ ଦଳର ସମସ୍ତ ଖେଳାଳୀ, କୋଚ, ଅଫିସିଆଲ, ହକି ଇଣ୍ଡିଆ, ଅନ୍ତର୍ଜାତୀୟ ହକି ଫେଡେରେସନ୍‌ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଟୋକିଓ ମାଟିରେ ଭାରତୀୟ ବିଜୟ ପତାକା ଉଡ଼ାଇଥିବାରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada









# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ। ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା। ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ। ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର। ଏଥିରେ ଆମକୁ ଯାଂଚ କରିପାରିବ? ହଁ କାହିକିଁ ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ। ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ, ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା। କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା। ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ। ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା। ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି। ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ। ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି। ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ। ସନ୍ଥ ନାମଦେବ ବୁଝିପାରିଲେ। ନିଜ ଭିତରେ ଅହଂକାର ମରିଗଲା। ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା। ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା। ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା। ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି। ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି। ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି। ଓସଟାନାର ଲୋକସଂଖ୍ୟା ୮୪। ଏବେ ଏହି ସଂଖ୍ୟା ୮୫ ହୋଇଛି। ପିଡ଼୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି। ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି। ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ। ଧୀରେ ଦୀରେ ଜନସଂଖ୍ୟା କମିଲା। ୧୯୭୫ରେ ଜନ୍ମହାର ବହୁତ କମିଲା। ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ। ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି। ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି। ତା ଥଂଟରେ ନୀଳ ରଙ୍‌ଗର ଗୋଟିଏ ଛୋଟ ବିଢ଼ା ଅଛି।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ। ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ। ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ। ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ। ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ। ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ। ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ। ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା। ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି। ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ। ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଋହିଁବେ ତାହା କିଣିପାରିବେ। ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି। ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି। ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ। ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି। କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ। ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି। ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି। କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି। ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି। ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ। କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ।

# ଆଜିର ଭାଗ୍ୟ



**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫ୍ରି ଲଭ କମ୍ୟୁନିଟଉ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ମଣିମଲ୍ଲଙ୍କଠାରୁ ମଧୁବାବୁ...



"**ମୁଁ** ଜନ୍ମଗତ ସମ୍ମାନ ଓ ନିଜ ଦ୍ୱାରା ଅର୍ଜିତ ସମ୍ମାନର ପାର୍ଥକ୍ୟ ଶିଖିଲି ଏବଂ ଭବିଷ୍ୟତ ଜୀବନରେ ଆତ୍ମ ଅର୍ଜିତ ସମ୍ମାନ ପାଇବା ପାଇଁ ଚେଷ୍ଟା କରିବି ବୋଲି ଠିକ୍ କଲି।" ଜନ୍ମଗତ ସମ୍ମାନ ଓ ଆତ୍ମ ଅର୍ଜିତ ସମ୍ମାନ ପ୍ରତି ବାଲ୍ୟକାଳରୁ ସଚେତନ ଥିଲେ ଉତ୍କଳଗୌରବ ମଧୁସୂଦନ ଦାସ। ଏକଦା ବୀରମାଟି ଖୋରଧା ଥିଲା ସେମାନଙ୍କର ବାସସ୍ଥଳୀ। ଜଟଣୀ ରଥିପୁରରେ ତାଙ୍କର ପୂର୍ବପୁରୁଷମାନେ ଅବସ୍ଥାନ କରୁଥିଲେ। ବିଶିଷ୍ଟ ଔପନ୍ୟାସିକ ତଥା ଖ୍ୟାତନାମା ସାମ୍ବାଦିକ ସୁରେନ୍ଦ୍ର ମହାନ୍ତିଙ୍କ 'ମଧୁସୁଦନ ଦାସ' ପୁସ୍ତକରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସେଥିରେ ସେ ଲେଖିଛନ୍ତି- "ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାର ଶାସନ କ୍ଷେତ୍ରରେ ଗୋଟିଏ ପ୍ରବଳ ଆଲୋଡ଼ନ, ବିଲୋଡ଼ନ ଓ ଅନିଶ୍ଚିତତା ଲାଗି ରହିଥିବାବେଳେ ମଣିମଲ୍ଲ ନାମକ ଜଣେ ଖଣ୍ଡାୟତ ସର୍ଦ୍ଦାର ସ୍ୱାଧୀନ ଉତ୍କଳର ଶକ୍ତିପୀଠ ଖୋରଧାରୁ ଉଠିଆସି ସତ୍ୟଭାମାପୁର ଗ୍ରାମରେ ଗୋଟିଏ ଚଉପାଢ଼ୀ ସ୍ଥାପନ କରି ସେଠାରେ ବସବାସ କରିଥିଲେ।"

ସତ୍ୟଭାମାପୁରର ଏହି ପରିବାରଟି ଥିଲା ବହୁ ଭୂସମ୍ପତ୍ତିର ଅଧିକାରୀ, ଗୋଟିଏ ଧନଶାଳୀ ପରିବାର। ଗ୍ରାମର ପଶ୍ଚିମ ପ୍ରାନ୍ତକୁ ଗୋଟିଏ ବିରାଟ ଚକଘେରା ହତାବାଡ଼ି ଭିତରେ ଠିଆ ହୋଇଥିବା ଚୌଧୁରୀ ପରିବାରର ମଉଡ଼ମରା ସାତ ଶେଣିଆ ହାତୀଶାଳ ପରି ଖଞ୍ଜାଘର। ଖାଲି ଏ ଘର ତ ନୁହେଁ, ଘର ଚାରିପାଖେ ଆମ୍ବତୋଟା, ନଡ଼ିଆମାଳ, ଫୁଲ ବଗିଚା ଆଉ ଅମାରଘରର ଗହଳିରେ ଚଉଦମାଣିଆ ଚକଟା ଭରପୂର ହୋଇ ଉଠିଥିଲା। ମାତ୍ର ୧୮୦୩ ମସିହାରେ ଓଡ଼ିଶା ଇଂରେଜମାନଙ୍କ ହାତକୁ ଚାଲିଯିବା ପରଠାରୁ ସତ୍ୟଭାମାପୁର ଚୌଧୁରୀ ପରିବାରର ସୌଭାଗ୍ୟ-କର୍ପୂର ଦିନୁ ଦିନ ଉଡ଼ିଯିବାରେ ଲାଗିଲା। ବର୍ଷକୁ ବର୍ଷ ନୂଆ ଜମାବନ୍ଦି ଫଳରେ ଜମାବୃଦ୍ଧି ସାଙ୍ଗକୁ ରାଜସ୍ୱ ଠିକ୍ ସମୟରେ ପଇଠ ଦେଇ ନ ପାରିବା ଫଳରେ ଚୌଧୁରୀ ପରିବାରର ଜମିଦାରୀ ଇଲାକା ସବୁ ସୂର୍ଯ୍ୟାସ୍ତ ଆଇନ ବଳରେ କଲିକତା ଠାରେ ନିଲାମ ଉଠିବାକୁ ଲାଗିଲା। ଏହାର ନିକଟରେ ବିଶୁନପୁର ଏକ ରାଜ୍ୟ ଥିଲା। ଏହାର ରାଜା ଥିଲେ କୃପାସିନ୍ଧୁ ଶ୍ରୀଚନ୍ଦନ। ସୂର୍ଯ୍ୟାସ୍ତ ଆଇନ ବଳରେ ୧୮୧୪ ଖ୍ରୀଷ୍ଟାବ୍ଦରେ ତାଙ୍କ ରାଜ୍ୟ ନିଲାମ ହୋଇଥିଲା। ନିମାପଡ଼ା ଅଣ୍ଟିଆ ଗଡ଼ର ରାଜା ଜଗବନ୍ଧୁ ରାଟସିଂହଙ୍କ ରାଜ୍ୟ ମଧ୍ୟ ସେହିଭଳି ଚାଲିଯାଇଥିଲା। ଓଡ଼ିଶାରୁ କଲିକତାକୁ ଯିବା ପାଇଁ ସେତେବେଳକୁ ରେଳରାସ୍ତା ବା ପାଦଚଲା ବାଟ ମଧ ନଥାଏ। ତେଣୁ ଓଡ଼ିଆ ଜମିଦାରମାନଙ୍କ ଇଲାକା ସବୁ ତେଣେ ନିଲାମରେ ଉଠିଲା ବେଳକୁ ସେ ଖବରଟା ସୁଦ୍ଧା ଓଡ଼ିଶାରେ ଆସି ପହଞ୍ଚି ପାରୁ ନଥାଏ। ଏପରି ଭାବରେ ଓଡ଼ିଶାର ବହୁ ସଂଭ୍ରାନ୍ତ ପରିବାର ପରି ସତ୍ୟଭାମାପୁର ଚୌଧୁରୀ ପରିବାର କଲିକତାର 'ଲ୍ୟାଣ୍ଡ ସେକ୍ୟୁଲେଟର'ମାନଙ୍କ ହାତରେ ନିଜର ଅଧିକାଂଶ ଜମିବାଡ଼ି ହରାଇବା ପରେ ଆର୍ଥିକ ସ୍ଥିତି ଦୁର୍ବଳ ହୋଇ ପଡ଼ିଲା। ସଂସାର ଯାତ୍ରାର ଅନଟନ ସତ୍ତ୍ୱେ ପିତା ରଘୁନାଥଙ୍କ ମନରେ ଆଭିଜାତ୍ୟ ଆଉ ଆତ୍ମଗୌରବର ଗୋଟାଏ ପ୍ରଚ୍ଛନ୍ନ ଭାବ ସବୁବେଳେ ଲାଗି ରହିଥାଏ। କାହିଁ କେତେ ପୁରୁଷତଳେ ସତ୍ୟଭାମାପୁର ଚଉପାଢ଼ିର ଆଦି ସ୍ଥାପୟିତା ଖଣ୍ଡାୟତ ମଣି ମଲ୍ଲଙ୍କର ରକ୍ତ ଯେ ତାଙ୍କର ଧମନୀରେ ଏବେ ବି ପ୍ରବାହିତ ହେଉଅଛି, ଏହି ଧାରଣାଟା ସବୁବେଳେ ମନରେ ଖେଳି ବୁଲୁଥାଏ। ଉକ୍ତ ପ୍ରସଙ୍ଗଟି ମଧୁବାବୁଙ୍କ ଜୀବନୀ ଉପରେ ଆଧାରିତ ଅନ୍ୟ ଏକ ପୁସ୍ତକ 'ଶତାବ୍ଦୀର ସୂର୍ଯ୍ୟ'ରେ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ଉଲ୍ଲେଖ କରିଛନ୍ତି। ଖୋରଧା ଅଞ୍ଚଳରେ ଖଣ୍ଡାୟତମାନଙ୍କର ସଂଜ୍ଞା ନବଜାତକର ଜନ୍ମ ହେବା ସମୟରେ ବେଳେ ବେଳେ ପରିବର୍ତ୍ତନ କରି ଦିଆଯାଇଥାଏ। ଯାହା ଫଳରେ ମଧୁବାବୁ, ତାଙ୍କ ପିତା ସହ ପ୍ରପିତାମହମାନଙ୍କର ସଂଜ୍ଞା "ମଲ୍ଲ"ରୁ ଦାସ ହୋଇଯାଇଥିଲା।

ମଧୁବାବୁ ଥିଲେ ଉଚ୍ଚାଭିଳାଷୀ। ଆର୍ଥିକ ଅନଟନ ସତ୍ତ୍ୱେ ତାଙ୍କର ଶିକ୍ଷାର୍ଜନର ପିପାସା ପ୍ରବଳ ଥିଲା। ସେ ୧୮୬୪ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରୁ ଏଣ୍ଟ୍ରାନସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଉଚ୍ଚଶିକ୍ଷା ପାଇଁ ତାଙ୍କ ପାଖରେ ଅର୍ଥର ଅଭାବ ଥିଲା। ଉଚ୍ଚ ଶିକ୍ଷା ପାଇଁ ଅର୍ଥ ସଂଗ୍ରହ ନିମିତ୍ତ ବାଲେଶ୍ୱର ଜିଲ୍ଲା ସ୍କୁଲରେ କିଛିକାଳ ଶିକ୍ଷକତା କଲେ। ସେହି ସମୟରେ ତାଙ୍କର ଫକୀରମୋହନ ସେନାପତି, ରାଧାନାଥ ରାୟଙ୍କ ସଙ୍ଗେ ବନ୍ଧୁତା ହେଲା। ମଧୁବାବୁ ଉଚ୍ଚ ଶିକ୍ଷା ପାଇଁ ଷ୍ଟିମର ଯୋଗେ କଲିକତା ଗଲେ। ସେଠାରେ ପହଞ୍ଚିବା ପରେ ଆର୍ଥିକ ଅନଟନର ସମ୍ମୁଖୀନ ହେଲେ। ସେ ଭବାନୀପୁରର ଲଣ୍ଡନ ମିଶନ ସୋସାଇଟି କଲେଜରେ ପହଞ୍ଚିଲେ। ସେଠାରେ ସୁପରିଟେଣ୍ଡେଂଟ୍ ରେଭେରେଣ୍ଡ ଜେ.ପି. ଆଷ୍ଟନ ତାଙ୍କର କରୁଣ କାହାଣୀ ଶୁଣି ତାଙ୍କୁ କଲେଜରେ ନାମ ଲେଖାଇବାକୁ ଅନୁମତି ଦେଲେ ଓ ପାଠ ପଢା ଖର୍ଚ୍ଚ ପାଇଁ ମାସିକ ଆଠ ଟଙ୍କା ବୃତ୍ତି ଦେବାର ବ୍ୟବସ୍ଥା କଲେ। ଘରୁ ସାହାଯ୍ୟ ପାଇବାର ଆଶା ନଥିବାରୁ ଅନେକ ସମୟରେ ଉପବାସରେ ରହୁଥିଲେ। ତଥାପି କର୍ତ୍ତବ୍ୟ ପଥରେ ଅଟଳ ରହିଥିଲେ। ୧୮୬୮ ମସିହାରେ ସେ ଏଫ୍. ଏ. ପାଶ କଲେ। ୧୮୬୯ରେ ସେ ଖ୍ରୀଷ୍ଟିୟ ଧର୍ମରେ ଦୀକ୍ଷିତ ହୋଇଥିବାର ଜଣାପଡ଼େ। ୧୮୭୦ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରୁ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଏହାଦ୍ୱାରା ସେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ ହେବାର ସୌଭାଗ୍ୟ ଅର୍ଜନ କଲେ। ୧୮୭୩ରେ ସେ ଏମ୍.ଏ ପାଶ କଲେ। ଏହାପରେ ସେ ଗାର୍ଡ଼ନରିଚ ହାଇସ୍କୁଲର ପ୍ରଧାନଶିକ୍ଷକ ପଦରେ ରହି ମାସିକ ଅଶୀଟଙ୍କା ଦରମା ପାଇଲେ। ପ୍ରଧାନ ଶିକ୍ଷକ ଥିବାବେଳେ କଲିକତା ବିଶ୍ୱ ବିଦ୍ୟାଳୟ ଆଇନ କଲେଜରେ ପଢିଲେ। ସେ ସମୟରେ ସାର୍ ଆଶୁତୋଷ ମୁଖାର୍ଜୀଙ୍କର ଗୃହ ଶିକ୍ଷକ ଥିଲେ। ପରବର୍ତ୍ତୀ ସମୟରେ ଆଶୁତୋଷ ମୁଖାର୍ଜୀ କଲିକତା ବିଶ୍ୱବିଦ୍ୟାଳୟର ଭାଇସ-ଚାନସେଲର ହୋଇଥିଲେ। ଶ୍ରୀ ମୁଖାର୍ଜୀ ସର୍ବଦା ମଧୁବାବୁଙ୍କୁ ତାଙ୍କର ବାଲ୍ୟଗୁରୁ ରୂପେ ସମ୍ବୋଧନ କରୁଥିଲେ।

ମଧୁବାବୁ କଲିକତା ହାଇକୋର୍ଟରେ କିଛି କାଳ ଓକିଲାତି କରି କଟକ ଚାଲିଆସିଲେ। ମଧୁବାବୁ ଏଠାରେ ଓକିଲାତି ଆରମ୍ଭ କଲାବେଳକୁ ସମସ୍ତ ପ୍ରତିଷ୍ଠିତ ଆଇନ ବ୍ୟବସାୟୀମାନେ ଥିଲେ ଓଡ଼ିଶା ବାହାରର ଲୋକ। ସେମାନେ ଏହି ତରୁଣ ଓକିଲଙ୍କୁ ନାନା ପ୍ରକାର ବ୍ୟଙ୍ଗ ବିଦ୍ରୂପ କଲେ। ସେ ସମୟରେ ଏକ ଗରିବ ଋଷୀର ମୋକଦ୍ଦମା ହାତକୁ ନେଲେ। ଅନ୍ୟପକ୍ଷରେ ବାଦୀ ଥିଲେ ପୁରୀ ଏମାର ମଠର ମହନ୍ତ ମହାରାଜ। ସମସ୍ତ ଓକିଲ ମହାରାଜଙ୍କ ସପକ୍ଷରେ ଥିବାବେଳେ ଗରିବ ଋଷୀ ପକ୍ଷରୁ ମଧୁବାବୁ ଲଢ଼ି ଜୟଯୁକ୍ତ ହେଲେ। ଫଳରେ ମଧୁବାବୁଙ୍କ ଖ୍ୟାତି ବଢ଼ିଗଲା। ସେ ବହୁ ବଡ଼ବଡ଼ ମକଦ୍ଦମାରେ ଜୟଯୁକ୍ତ ହୋଇଥିଲେ। ସେଥିମଧ୍ୟରୁ ଖଣ୍ଡପଡ଼ା ରାଜା ନଟବର ସିଂହ ମର୍ଦ୍ଦରାଜ, ପୁରୀ ରାଣୀ ସୂର୍ଯ୍ୟମଣି ପାଟମହାଦେଇ, କେନ୍ଦୁଝର ରାଜା, ଧନୁର୍ଜୟ ଭଂଜ ଓ ମାନସିଂହ ପାଟଣା ବାନା ଓ ରଙ୍ଗା ନାମରେ ଥିବା ଡ଼କାୟତି କେଶ୍ ଆଦିର ସଫଳତା ଯୋଗୁଁ ସେ ମଧୁ ବାରିଷ୍ଟର ରୂପେ ପରିଚତ ହେଲେ। ସେ ଓକିଲାତି ପେଶାରେ ବିଚକ୍ଷଣ ବୁଦ୍ଧିମତ୍ତାର ପରିଚୟ ଦେଇ ଜୟଯୁକ୍ତ ହୋଇପାରୁଥିଲେ। ମଧୁବାବୁ ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ଥିଲେ। ସେ ୧୮୮୫ରୁ ୧୯୧୦ ମସିହା ପର୍ଯ୍ୟନ୍ତ ଭାରତର କଲିକତା, ମାନ୍ଦ୍ରାଜ, ଆହ୍ଲାବାଦ ପ୍ରଭୃତି ସ୍ଥାନରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଇଥିଲେ।



ମାତ୍ର ଏହାଦ୍ୱାରା ଓଡ଼ିଆଭାଷୀ ବିଭିନ୍ନ ଅଂଚଳଗୁଡ଼ିକର ଏକତ୍ରୀକରଣ ହୋଇପାରିବ ନାହିଁ ବୋଲି ସେ ହୃଦୟଙ୍ଗମ କଲେ। ତେଣୁ ସେ କଂଗ୍ରେସ ପରିତ୍ୟାଗ କରି ଉତ୍କଳ ସମ୍ମିଳନୀ ଗଢ଼ିଲେ। ମଧୁବାବୁଙ୍କ ଉଦ୍ୟମରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। 'ଉତ୍କଳ ସମ୍ମିଳନୀ' ସବୁ ଓଡ଼ିଆ ଭାଷୀ ଲୋକଙ୍କର ଏକ ମିଳନ ପୀଠ ବୋଲି ଘୋଷଣା କଲେ। ସେତେବେଳକାର ଜାତୀୟବାଦୀ ଇଂରେଜ ଖବରକାଗଜ 'ଅମୃତବଜାର' ପତ୍ରିକାର ସମ୍ପାଦକ ମୋତିଲାଲ ଘୋଷ ଏ ସମ୍ମିଳନୀରେ ଯୋଗଦେଇଥିଲେ। "ଉତ୍କଳ ସମ୍ମିଳନୀ ପରି ଗଣଆନ୍ଦୋଳନ ଭାରତରେ ବିରଳ" ବୋଲି ସେ ମତ ଦେଇଥିଲେ। ମଧୁବାବୁ ୧୮୯୭ ଓ ୧୯୦୭ ଖ୍ରୀଷ୍ଟାବ୍ଦରେ ବିଲାତ ଯାଇଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଲକ୍ଷ୍ୟ ଥିଲା। ଉତ୍କଳ ସମ୍ମିଳନୀର ବାରମ୍ବାର ଦାବି ଫଳରେ ୧୯୩୧ ମସିହା ସେପ୍ଟେମ୍ବର ମାସ ୧୮ ତାରିଖରେ ଓଡ଼ନେଲ କମିଶନ ଗଠନ ହେଲା। ୧୯୩୩ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ଭାଷା ଭିତ୍ତିରେ ଓଡ଼ିଶା ଓ ସିନ୍ଧୁ ପ୍ରଦେଶ ଗଠନ ହେବା ଘୋଷଣା ହେଲା। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶଗଠିତ ହୋଇଥିଲେ ହେଁ ସେତେବେଳକୁ ମଧୁବାବୁ ଇହଜଗତରେ ନଥିଲେ।

ମଧୁବାବୁ ୧୯୧୩ ଜାନୁଆରୀ ୨୦ ତାରିଖରେ ବିହାର-ଓଡ଼ିଶା ରାଜ୍ୟ କାଉନସିଲର ସଦସ୍ୟ ଭାବେ ଶପଥ ନେଇଥିଲେ। ସେ ମଧ ୧୯୧୯ ମସିହାରେ ସ୍ୱାୟତ ଶାସନ ବିଭାଗର ମନ୍ତ୍ରୀଭାବେ ଦାୟିତ୍ୱ ନେଇଥିଲେ। ମନ୍ତ୍ରୀ ପଦ ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ। ୧୯୨୩ ଫେବୃଆରୀ ମାସ ୭ ତାରିଖରେ ଅବୈତନିକ ଭାବେ ମନ୍ତ୍ରୀ କାର୍ଯ୍ୟ ତୁଲାଇବାକୁ ଓ ଓକିଲାତି ଭାବେ ଜୀବିକା ନିର୍ବାହ କରିବାକୁ ମଧୁବାବୁ ବିହାର- ଓଡ଼ିଶା ଗଭର୍ଣ୍ଣର ସାର୍ ଏଚ. ହୁଇଲରଙ୍କୁ ପତ୍ର ଦେଲେ। କିନ୍ତୁ ଗଭର୍ଣ୍ଣର ଏ ପ୍ରସ୍ତାବ ଗ୍ରହଣ କଲେ ନାହିଁ। ଫଳରେ ଇସ୍ତଫା ଦେଲେ। ସେ ସମୟରେ ଭାରତରେ କୌଣସି ମନ୍ତ୍ରୀ ଯେ ଏକଥା ଚିନ୍ତା କରିପାରି ନ ଥିବେ, ଏଥିରେ ସନ୍ଦେହ ନାହିଁ। ମଧୁବାବୁ ମନ୍ତ୍ରୀପଦରୁ ଇସ୍ତଫା ଦେବା ପରେ ଗଭର୍ଣ୍ଣର ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ। ମଧୁବାବୁ ଭାରତୀୟ ପୋଷାକ ପିନ୍ଧିଯିବାକୁ ଚାହିଁଲେ। କିନ୍ତୁ ଗଭର୍ଣ୍ଣର ତାହାକୁ ଅନୁମତି ଦେଲେ ନାହିଁ। ମଧୁସୁଦନ ଲେଖିଲେ, "ଗୋଲାପର ଚାରିପାଖର ଘାସ ଗୋଲାପର ରଙ୍ଗ କିମ୍ବା ସୁବାସ ଗ୍ରହଣ କରେ ନାହିଁ। ତେଣୁ ବଡ଼ ଲୋକଙ୍କ ସଂସ୍ପର୍ଶରେ ଆସି ବଡ଼ ହେବା ପାଇଁ ମୁଁ କେବେ ଚେଷ୍ଟା କରିନାହିଁ।"

ମଧୁବାବୁ ଓଡ଼ିଶା ଆର୍ଟ ଓ୍ୟାରସ ବା ଉତ୍କଳ ସୂକ୍ଷ୍ମକଳାର ଏକ କାରଖାନା ଖୋଲିଥିଲେ। ସେ ମଧ ଉତ୍କଳ ଟ୍ୟାନେରୀ ନାମରେ ଏକ ଚମଡ଼ା ଶିଳ୍ପ କାରଖାନା ଖୋଲିଥିଲେ। ଦ୍ରବ୍ୟର ଗୁଣାତ୍ମକମାନ ଉପରେ ଗୁରୁତ୍ୱ ଦେଉଥିଲେ। ତାଙ୍କ ଉଦ୍ୟମ ଯୋଗୁଁ ଭାରତରେ ପ୍ରଥମ କରି ମହିଳାମାନେ ଆଇନ ବ୍ୟବସାୟ କରିବାର ଅଧିକାର ପାଇଲେ। ଓଡ଼ିଶା ଜାତିର ପୁନରୁଦ୍ଧାର ପାଇଁ ତାଙ୍କର ପ୍ରାଣ କାନ୍ଦୁଥିଲା। ସେ ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି-"ଏହି ସ୍ଥାନରେ ବଡ଼ଦେଉଳକୁ ଚାହିଁ ଓ ଜାତିର ପୁନରୁଦ୍ଧାର କର-ଏହା ଆମ୍ଭମାନଙ୍କର ବୀଜମନ୍ତ୍ର ହେବା ଆବଶ୍ୟକ।" ମଧୁବାବୁ ଗୋପବନ୍ଧୁ ଦାସଙ୍କୁ ନିଜର ଉତ୍ତରାଧିକାରୀଭାବେ ମନୋନୀତ କରିଥିଲେ। ମାତ୍ର ମଧୁସୁଦନଙ୍କ ମୃତ୍ୟୁ ପୂର୍ବରୁ ଗୋପବନ୍ଧୁଙ୍କର ତିରୋଧାନ ହୋଇଥିଲା। ସେ ତେଣୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏ ଦାୟିତ୍ୱ ଦେବାପାଇଁ ସ୍ଥିର କରିଥିଲେ। ପଣ୍ଡିତ ନୀଳକଣ୍ଠ ମଧ ତାଙ୍କର ଶେଷ ଦର୍ଶନ ପାଇଁ କଟକ ଆସି ତାଙ୍କ ପାଖରେ ପହଞ୍ଚିଲେ। ଓଡ଼ିଶାବାସୀଙ୍କୁ ତାଙ୍କର କିଛି କହିବାର ଅଛି କି ବୋଲି ପଣ୍ଡିତ ନୀଳକଣ୍ଠ ପଚାରନ୍ତେ, ମଧୁବାବୁ ଉତ୍ତର ଦେଲେ- "ଓଡ଼ିଶାବାସୀ ତାଙ୍କର ଅନ୍ତର ନିର୍ମଳ ରଖିଥିବେ"। ସେ ପୁଣି କହିଥିଲେ- "ମୁଁ ତ ଯାଉଛି ମନେରଖିଥିବ ଜଣେ ଓଡ଼ିଆ ଥିଲା।" ତାହା ଥିଲା ତାଙ୍କର ଶେଷ କଥା। ୮୫ ବର୍ଷ ବୟସରେ ୧୯୩୪ ମସିହା ଫେବୃଆରୀ ମାସ ୩ ତାରିଖ ରାତି ୧ ଘଣ୍ଟା ୧୫ ମିନିଟ୍ ସମୟରେ ସେ ଶେଷନିଃଶ୍ୱାସ ତ୍ୟାଗ କଲେ। କଟକରୁ ପ୍ରକାଶିତ ଦୈନିକ 'ସମାଜ'ରେ ପୁରା ପୃଷ୍ଠାରେ ପରଦିନ ବାହାରିଲା-"ଓଡ଼ିଶାର ମୁକୁଟବିହୀନ ସମ୍ରାଟ ଆଉ ନାହାନ୍ତି।" ପ୍ରଖ୍ୟାତ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ସେଥିପାଇଁ କହିଛନ୍ତି-"ଜୀବନରେ ଯେପରି ମରଣରେ ମଧ୍ୟ ସେହିପରି। ମଧୁସୂଦନ ଯଥାର୍ଥରେ ଥିଲେ ଏକ ସମ୍ରାଟ"। ମଧୁବାବୁଙ୍କୁ ବାରମ୍ବାର ମନେପକାଇଲେ ବି ତାହା କମ୍ ହେବ। ପାଠ୍ୟପୁସ୍ତକମାନଙ୍କରେ ପ୍ରତ୍ୟେକ ଶ୍ରେଣୀ ପାଇଁ ତାଙ୍କ ସମ୍ବନ୍ଧୀୟ ଲେଖା ସ୍ଥାନ ପାଇବା ଆବଶ୍ୟକ। ତାଙ୍କର ଉକ୍ତି-***"ଜାତି ଇତିହାସ ଜାତିର ନିର୍ଝର, ତହୁଁ ବହେ ସଦା ଜାତି ପ୍ରାଣଧାର, ସେ ଧାରାରୁ ନୀର ପିଉଛି ଯେ ନର, ନିଶ୍ଚୟ ହେବ ସେ ଜାତି କର୍ମବୀର"***, ଏହା ସଦା ସର୍ବଦା ଓଡ଼ିଆଙ୍କ ହୃଦୟରେ ଗୁଂଜରିତ ହେଉ।

**ସତ୍ୟବାଦୀ ବଳିଆରସିଂହ**, ସଭାପତି, ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀ, ବକ୍ସି ଜଗବଂଧୁ ନଗର, ଖୋର୍ଦ୍ଧା, ଶୂନ୍ୟଭାଷ: ୯୨୩୭୦୮୯୫୦୯

# କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ବଢୁଛି, ପ୍ରଶାସନ ଦୃଢ ପଦକ୍ଷେପ ନେବାକୁ ଦାବୀ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ଏବେ ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। କେନ୍ଦୁଝର ସହରାଂଚଳ ଏବେ ସଙ୍କଟଜନକ ପରିସ୍ଥିତିରେ ପହଂଚିଥିବାବେଳେ ଜନସାଧାରଣ ନିଜେ ଅଧିକରୁ ଅଧିକ ସଚେତନ ହେବା ଆବଶ୍ୟକ ହୋଇପଡିଛି। ଚିହ୍ନଟ ୧୬୬ ଜଣଙ୍କୁ ମିଶାଇ ଜିଲ୍ଲାର ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୦୪୩ ରେ ପହଂଚି ଥିବାବେଳେ ସେଥିମଧ୍ୟରୁ ୮୩୫୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ସାରିଲେଣି। ଗତ ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ଜିଲ୍ଲାର ଆକ୍ଟିଭ କେଶ ସଂଖ୍ୟା ୬୮୬ ଥିବା ଜଣାପଡିଛି। ଚିହ୍ନଟ ହୋଇଥିବା ୧୬୬ଜଣଙ୍କ ମଧ୍ୟରୁ କେନ୍ଦୁଝର ସହରରୁ ୬୪ଜଣ ଚିହ୍ନଟ ହେବା ଚିନ୍ତାର ବିଷୟ ହୋଇଛି। କେନ୍ଦୁଝର ରାଙ୍କିଠାରେ କୋଭିଡ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ୧୦୦ ବେଡ ବିଶିଷ୍ଟ ଏହି ହସ୍‌ପିଟାଲରେ ୨୪ଟି ଆଇସିୟୁ, ୧୨ଟି ଭେଣ୍ଟିଲେଟର, ଅକ୍ସିଜେନ ଭଳି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହୋଇଛି। ତେବେ ଏହି ହସ୍‌ପିଟାଲ ବିଳମ୍ବରେ ଖୋଲାଯିବା ନେଇ ବିରୋଧିଦଳମାନେ ପ୍ରଶ୍ନ ଉଠାଇଛନ୍ତି। ୭ଦିନ ପୂର୍ବରୁ ଖୋଲା ଯାଇଥିଲେ ଉଚିତ ଚିକିତ୍ସା ନପାଇ ମୃତ୍ୟୁବରଣ କରିଥିବା ତଥା ଚିକିତ୍ସା ପାଇଁ କଟକ, ଭୁବନେଶ୍ୱର ଚାଲି ଯାଇଥିବା ରୋଗୀମାନେ ଉପକୃତ ହୋଇପାରିଥାନ୍ତେ ବୋଲି ବିରୋଧିଦଳ ମୁଖ୍ୟ ସଚେତକ ମୋହନଚରଣ ମାଝୀ ଅଭିଯୋଗ କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ତୁଳନାରେ ଚଳିତବର୍ଷ କରୋନା ସଂକ୍ରମଣ ବହୁଗୁଣା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଏହାକୁ ନେଇ ଜିଲ୍ଲାବାସୀ ଭୟଭୀତ ହୋଇ ପଡିଛନ୍ତି। ବିଶେଷ କରି ଚିକିତ୍ସା ସୁବିଧା ନଥିବାରୁ ବହୁ ରୋଗୀଙ୍କୁ ଅନିଶ୍ଚିତତା ମଧ୍ୟରେ ଘରେ ରହି ଚିକିତ୍ସିତ ହେବାକୁ ପଡିଥିଲା। ଯେଉଁମାନଙ୍କ ପାଖରେ ଅର୍ଥ ଅଛି ସେମାନେ କଟକ, ଭୁବନେଶ୍ୱର ଯାଇ ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ କରୋନା ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଏହାଉପରେ ରୋକ ଲଗାଇବା ପାଇଁ ଅନ୍ୟୁନ ୭ ଦିନ ସଟ୍‌ଡାଉନ କରିବାକୁ ଶ୍ରୀ ମାଝୀ ଦାବୀ କରିଛନ୍ତି। ଏହାଦ୍ୱାରା କରୋନା ଚେନକୁ ଭାଙ୍ଗି ହେବ ବୋଲି ମତପ୍ରକାଶ ପାଇଛି। ଅବ୍ୟାବଧି ସଂକ୍ରମଣ ଦୃତ ବୃଦ୍ଧି ପାଇବାରେ ଲାଗିଥିଲେ ହେଁ ସମସ୍ତ କୋଭିଡ କେୟାର ସେଣ୍ଟର, ପଞ୍ଚାୟତ ସ୍ତରରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ଅଦ୍ୟାବଧି ଖୋଲିପାରିନାହିଁ। ସେହିଭଳି ଯେଉଁଭଳି ଭାବରେ ରୋଗୀ ଗୁରୁତର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି, ସେହି ପରିସ୍ଥିତିରେ ମାତ୍ର ୧୦୦ ବେଡ ବିଶିଷ୍ଟ ମେଡିକାଲ କିପରି ଆବଶ୍ୟକତା ପୂରଣ କରିପାରିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହାଛଡା ସ୍ୱାବ ପରୀକ୍ଷା କମ ସଂଖ୍ୟାରେ କରାଯାଉଥିବାରୁ ରୋଗୀ ଚିହ୍ନଟ ବିଳମ୍ବ ହେଉଛି। ସେହିପରି ସ୍ୱାବ ପରୀକ୍ଷା ପାଇଁ କଟକ ଯାଉଥିବା ସ୍ୱାବ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ବହୁ ରୋଗୀଙ୍କ ବିଳମ୍ବରେ ଚିକିତ୍ସା ହେଉଥିବାରୁ ସେମାନେ ଗୁରୁତର ହୋଇପଡୁଛନ୍ତି। ଗତ ୨୦ ତାରିଖ ଦିନ କେନ୍ଦୁଝର ବଡହଳର ପ୍ରବୀଣ ତ୍ରିପାଠୀ ନାମକ ଜଣେ ୪୦ ବର୍ଷ ଯୁବକର କରୋନାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କରୋନାରେ ଆକ୍ରାନ୍ତ ହୋଇ ବହୁ ରୋଗୀଙ୍କ ମୃତ୍ୟୁ ହେଉଥିଲେ ହେଁ ମୃତ୍ୟୁର କାରଣ ଅଲଗା ଦର୍ଶାଇ ପ୍ରଶାସନ ପକ୍ଷରୁ ମାତ୍ର ତିନିଜଣ ଦର୍ଶାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

# ଗରାପୁର ହନୁମାନଜୀଉ ମନ୍ଦିରରେ ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁରସ୍ଥିତ ଶ୍ରୀ ଶ୍ରୀ ହନୁମାନଜୀଉ ମନ୍ଦିର ଆଶ୍ରମ ପରିସରରେ ଶ୍ରୀରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଓ ଶ୍ରୀରାମ ସ୍ମରଣେ ସ୍ମରଣିକା ଉନ୍ମୋଚନ ଉତ୍ସବ କୋଭିଡ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ମାନବୀୟ ଲୀଳା ଓ ବିଂଶ ଶତାବ୍ଦିର ମହାନ ସନ୍ଥ ସଦଗୁରୁ ବାବା ବୈକୁଣ୍ଠନାଥଙ୍କ ଜୀବନାଦର୍ଶ ଉପରେ ପ୍ରକାଶିତ ସ୍ମରଣିକା "ଶ୍ରୀରାମ ସ୍ମରଣେ" ଉପସ୍ଥିତ ସାଧୁସନ୍ଥ, ଅତିଥି ଓ ଆଶ୍ରିତ ଭକ୍ତମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ମନ୍ଦିର ପରିଚାଳନା ସମିତିର ସଭାପତି ବାବାଜୀ ଚେତନାନନ୍ଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ଉପାଧ୍ୟକ୍ଷ ସ୍ନେହଲତା ପ୍ରଧାନ, କପାଳେଶ୍ୱର ପଞ୍ଚାୟତର ସରପଞ୍ଚ ଗାୟତ୍ରୀ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିବା ବେଳେ ଆଶ୍ରମର ସହପରିଚାଳକ ଶ୍ରଦ୍ଧାନନ୍ଦ ଦାସ, ବାବାଜୀ ସତ୍ୟାନନ୍ଦ ଦାସ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ବାଣୀ ଓ ବାବା ବୈକୁଣ୍ଠନାଥଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ନଳିନୀକାନ୍ତ ମହାନ୍ତି, ସେବକ ପୁରୁଷତ୍ତମ ଗେରୁ, ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ସହସମ୍ପାଦକ କେଶବ ସେଠୀ, ସମ୍ପାଦନା ମଣ୍ଡଳୀ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମହାନ୍ତି, ଆବାହକ ଓ ଉପଦେଷ୍ଟା ଦେବାଶିଷ ଜଗତି, ପତ୍ରିକା ସମ୍ପାଦକ ଅରକ୍ଷିତ ରାଉତ, ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ଅଜୟ କୁମାର ପାତ୍ର, ନୃସିଂହ ଚରଣ ଆଚାର୍ଯ୍ୟ, କୋଷାଧକ୍ଷ ମଧୁସୁଦନ ସାହୁ, ରମାକାନ୍ତ ବିହାରୀ, ଦିଲ୍ଲିପ କୁମାର ସାହୁ, ଅକ୍ଷୟ କୁମାର ଦାସ, ରାଜକିଶୋର ବିଶ୍ୱାଳ, ସୁରେଶ ଚନ୍ଦ୍ର ରାଉତ, ବଳରାମ ନାୟକ, ଗୋବିନ୍ଦ ଚନ୍ଦ୍ର ନାଥ, ସୀତାନାଥ ମିଶ୍ର, ସରୋଜକାନ୍ତ ସାହୁ, ପ୍ରମୋଦ କୁମାର ପ୍ରଧାନ, ଧରଣୀଧର ଦାସ, ପରମାନନ୍ଦ ସାହୁ, ଗୋପିନାଥ ସାହୁ, ରଜତ କୁମାର ସାହୁ, ଗୋପିନାଥ ସାହୁ, କରୁଣାକର ସାହୁ, ଜଗନ୍ନାଥ ବେହେରା, ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଡଃ.ସୁବାଷ ଚନ୍ଦ୍ର ମହାପାତ୍ର, ଗଣେଶ୍ୱର ସାହୁ, ପ୍ରଦୀପ କୁମାର ଦାଶ,ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଶ୍ରଦ୍ଧାଳୁ ଓ ଭକ୍ତମାନେ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଭଜନକୀର୍ତ୍ତନ କରିଥିଲେ। ଗତ ୧୩ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜିର ଉଦଯାପନି ଦିବସ ପ୍ରାତଃରୁ ଶଙ୍ଖଧ୍ୱନି ସହ ସମୁହ ପ୍ରାର୍ଥନା, ମଙ୍ଗଳ ଆରତୀ, ଶ୍ରୀ ଶ୍ରୀ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ସୁସଜ୍ଜିତ ଶ୍ରୀବିଗ୍ରହ ସହ ନଗର କୀର୍ତ୍ତନ, ଶ୍ରୀରାମ ଚରିତ ମାନସ ପାରାୟଣ ଓ ହୋମଯଜ୍ଞ ଏବଂ ସନ୍ଧ୍ୟାରେ ଶ୍ରୀରାମ କଥା ପ୍ରବଚନ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ଧରିତ୍ରୀ ଦିବସ: ତତଲା ତାୱାରେ ପୃଥିବୀ




ଭୁବନେଶ୍ୱର (ପିଏନ୍): ଧରିତ୍ରୀ ମା'କୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ ୨୨ ତାରିଖରେ 'ବିଶ୍ୱ ଧରିତ୍ରୀ ଦିବସ' ପାଳିତ ହୋଇଥାଏ। ସଙ୍କଟମୁହାଁ ଗତି କରୁଥିବା ପୃଥିବୀର ସୁରକ୍ଷା ଲାଗି ସମଗ୍ର ବିଶ୍ୱ ଏହି ଦିବସଟିକୁ ପାଳନ କରିଥା'ନ୍ତି। ଏହି ପରିପ୍ରେକ୍ଷୀରେ ସ୍ମାର୍ଟନଗରୀ ଭୁବନେଶ୍ୱରର ପୋଖରୀପୁଟରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ସମଗ୍ର ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବା ସହ ଜନସଚେତନତା ସୃଷ୍ଟି ପାଇଁ ପ୍ରୟାସ କରିଛନ୍ତି। ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ତିଆରିଛନ୍ତି ଏକ ତତଲା ତାୱା ଓ ପୃଥିବୀ। ଏଥିରେ ଦର୍ଶାଇଛନ୍ତି ସମ୍ପ୍ରତି ତତଲା ତାୱାରେ ଭାଜି ହେଉଛି ପୃଥିବୀ। ଯାହା ବର୍ତ୍ତମାନ ପୃଥିବୀର ଅବସ୍ଥା ସମ୍ପର୍କରେ ପ୍ରମାଣିତ କରୁଛି। ଧୀରେ ଧୀରେ ପୃଥିବୀ ଗ୍ଲୋବାଲ ୱାର୍ମିଂରୁ ଗ୍ଲୋବାଲ ବର୍ଣ୍ଣିଂ ଆଡ଼କୁ ମୁହାଁଉଛି। ଯାହା ଜୀବଜଗତ ପାଇଁ ଏକ ଭୟାନକ ବିପତ୍ତି। ଯେପରି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପର ଅହେତୁକ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ମଣିଷର ଅମାନୁଷିକ କାର୍ଯ୍ୟକଳାପ, ଦ୍ରୁତ ଜନସଂଖ୍ୟା ବୃଦ୍ଧି, ସହରୀକରଣ, ବଡ଼ ବଡ଼ ଗଛ କାଟି ରାସ୍ତା ପ୍ରଶସ୍ତିକରଣ, ଜଙ୍ଗଲ ସଫା କରି ଖଣିଖାଦାନ ଖୋଳିବା, ଜଳାଶୟକୁ ପୋତି ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ତିଆରି କରିବା ଇତ୍ୟାଦି କାର୍ଯ୍ୟ ପରିବେଶ ପାଇଁ ସଙ୍କଟ ସାଜିଛି। ଯଦ୍ଦ୍ୱାରା ଜୀବଜଗତ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ। ଛଅ ଋତୁ ଆଜି ସାତ ସପନ। ଶ୍ରାବଣରେ ବୈଶାଖୀର ତାତି। ଆଜି ତିତିଲି, କାଲି ଫନି, ହୁଡ୍‌ହୁଡ୍, ଫାଇଲିନ୍ ପରି ସାମୁଦ୍ରିକ ଝଡ଼କୁ ସାମ୍ନା କରିବାକୁ ପଡୁଛି। ଏତଦ୍ ସହ ବାୟୁମଣ୍ଡଳରେ ଗ୍ରୀନ୍‌ହାଉସ ଗ୍ୟାସ୍ ବଢିବା ଫଳରେ ଭୂପୃଷ୍ଠ, ବାୟୁମଣ୍ଡଳ, ସାଗର, ମହାସାଗର ସବୁ ତାତିଗଲାଣି। କହିବାକୁ ଗଲେ ମେରୁ, ତରୁ, ମରୁ ସବୁ ତାତିଗଲାଣି। ପ୍ରତି ମୁହୂର୍ତ୍ତରେ ବାଜୁଛି ପ୍ରକୃତିର ସତର୍କ ଘଣ୍ଟି। ଜଳବାୟୁର ଜ୍ୱାଳାରୁ ମୁକ୍ତି ପାଇଁ ସାରା ବିଶ୍ୱ ଚିନ୍ତିତ। ଶ୍ରୀ ସାହୁ ଏହି ମର୍ମରେ କହିଛନ୍ତି ଧୀରେଧୀରେ ଉତ୍ତପ୍ତ ପରିବେଶ ଯୋଗୁଁ ଏବେଠୁ ଆମେ ତ୍ରାହି ତ୍ରାହି ଡାକିଲେଣି। ଆଗକୁ ପୁଣି ଅଛି। ବେଳ ଥାଉ ଥାଉ ଯଦି ବନ୍ଧ ନ ବାନ୍ଧିବା, ତେବେ ସର୍ବନାଶୀ କରାଳ ଗ୍ରାସରେ ଆମେ ବିଲୀନ ହେବା ସୁନିଶ୍ଚିତ। ପରିବେଶର ସୁରକ୍ଷା ଦିଗରେ ପ୍ରତିସ୍ତରରେ ପ୍ରତିଟି ମଣିଷ ସଚେତନ ହୋଇ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଉଦ୍ୟମ ଓ ପ୍ରୟାସ ଜାରି ରଖିବା ନିତାନ୍ତ ଜରୁରୀ ବୋଲି ସୁଶାନ୍ତ ଆଶାପ୍ରକଟ କରିଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟାଳୟଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ନଗର କଂଗ୍ରେସ କମିଟିର ସଭାପତି ନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଧୂପ ଓ ଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଓଡ଼ିଶାର ବିକାଶ କ୍ଷେତ୍ରରେ ଅବଦାନ ଓ ରାଜନୈତିକ ବିଚକ୍ଷଣତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଶ୍ରାଦ୍ଧୋତ୍ସବରେ ପୂର୍ବତନ ପୌରାଧ୍ୟକ୍ଷ ରାଜୀବ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା କଂଗ୍ରେସ ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ଦଶରଥପୁର ବ୍ଲକ୍ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସଂଗ୍ରାମ ସାହାଣୀ, ପୂର୍ବତନ ଜୋନ୍ ସଭାପତି ମାନସରଞ୍ଜନ ପଣ୍ଡା, ଆଇନ ସେଲ୍ ସଭାପତି ନିତାଇ ଚାନ୍ଦ ମହାନ୍ତି, ଅଧିକାରୀ ନବକିଶୋର ଦାସ, ବିଦ୍ୟାଧର ଜେନା, ଗୋବିନ୍ଦଚନ୍ଦ୍ର ସାହୁ, ରଘୁନାଥ ସାହୁ ଓ ବିଜୟ ମହାପାତ୍ର ପ୍ରମୁଖ ସ୍ୱର୍ଗତଃ ପଟ୍ଟନାୟକଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଶେଷରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ନିଆରା ଢଙ୍ଗରେ ନିଜର ଜନ୍ମଦିନ ପାଳନ କଲେ ରାଜ୍ୟ ବିଜେଡି ଉପସଭାପତି ରାଜା ଚକ୍ର



କେନ୍ଦୁଝର (ପିଏନ୍): ରାଜ୍ୟ ବିଜେଡି ଦଳର ଉପସଭାପତି ସୌମ୍ୟ ଶଙ୍କର ଚକ୍ର (ରାଜା ଚକ୍ର) ନିଜ ଜନ୍ମଦିନ କେନ୍ଦୁଝରସ୍ଥିତ ଗୋବିନ୍ଦପୁର ଠାରେ ଥିବା ଆଦୃତ ଅନାଥାଶ୍ରମର ଛୋଟ ଛୋଟ ପିଲାଙ୍କ ସହ ପାଳନ କରିଛନ୍ତି। କରୋନା କଟକଣା ହେତୁ ପିଲାଙ୍କ ପାଠପଢାରେ ଅବହେଳାକୁ ଉପଲବ୍ଧି କରି ପିଲାମାନଙ୍କୁ ପୁସ୍ତକ ଓ ପାଠ୍ୟ ଉପକରଣ ପ୍ରଦାନ କରି ଆଶ୍ରମରେ ରହି ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ସେହିପରି କେନ୍ଦୁଝର ବସ୍‌ଷ୍ଟାଣ୍ଡ ପାଖ ବସ୍ତିର ମହିଳାମାନଙ୍କୁ ଶାଢୀ ପ୍ରଦାନ କରିବା ସହ ବଢୁଥିବା କରୋନା ସଂକ୍ରମଣକୁ ଲକ୍ଷ୍ୟ କରି ସ୍ୱୟଂସେବକ ଗୋଷ୍ଠୀର ମହିଳାମାନଙ୍କୁ ଘରୋଇ ଉପକରଣ ନିର୍ମାଣ ତଥା ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ଚକ୍ର କହିଥିଲେ। ଏହି ନିରାଡମ୍ବର ଜନ୍ମଦିନ ପାଳନକୁ ସ୍ଥାନୀୟ ଅଂଚଳର ଜନସାଧାରଣ ପ୍ରଶଂସା କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୦୬

# ଉତ୍କଳର ବରପୁତ୍ର : ବିଜୁବାବୁ

୧୯୩୬ ମସିହା, ଏପ୍ରିଲ୍ ପହିଲା । ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିବସ । ଏହି ଦିନ ଓଡିଶା ଆମର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ଲାଭ କରିଥିଲା । ଏହାପରେ ଆମ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାରେ ଯେଉଁ ବରପୁତ୍ରମାନେ ଜୀବନକୁ ଉତ୍ସର୍ଗ କରି ପାରିଥିଲେ, ବିଜୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ଅଚିନ୍ତନୀୟ ପରିକଳ୍ପନା, ଅସାଧାରଣ କର୍ତବ୍ୟନିଷ୍ଠା ଓ ଜାତିପ୍ରୀତି ହିଁ ଓଡିଶାର ଅଭିବୃଦ୍ଧି ପାଇଁ ବିଭିନ୍ନ ମାର୍ଗ ପ୍ରଦର୍ଶନ କରିପାରିଥିଲା ।ସେଥିଲେ ଆମ ଓଡ଼ିଆ ଜାତିର ଏକ ଅମଳିନ ପ୍ରତିଭା । ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ବୟସ, ସେତେବେଳେ ସେ ହଠାତ୍ ଆପେଣ୍ଡିସ୍ ସାଇଟ୍ ରୋଗରେ ଆକ୍ରାନ୍ତ ହୋଇପଡିଲେ । ଅପରେସନ୍ ନହେଲେ ସେ ନିଶ୍ଚିତ ମୃତ୍ୟୁମୁଖରେ ପଡିବେ । ୧୯୨୩ ମସିହାର ସେହି ଏକ ବିବର୍ଣ୍ଣ ପ୍ରଭାତ । ଏହିଦିନ ପ୍ରଖ୍ୟାତ ରୋଗ ସର୍ଜନ ଡା. ଫିଲ୍ଲେର ତାଙ୍କଠାରେ ଅସ୍ତ୍ରୋପଚାର କରି ତାଙ୍କୁ ମୃତ୍ୟୁମୁଖରୁ ବଂଚାଇଥିଲେ । କଳିକା ଯେପରି କୁସୁମିତ ହୋଇ ତା'ର ରୂପ, ରସ ଓ ଗନ୍ଧରେ ଜନମନକୁ ହରଣ କରିଥାଏ, ସେହିପରି ବିଜୁବାବୁଙ୍କ ଜୀବନ କଳିକା କ'ଣ କୁସୁମିତ ନହୋଇ ଅକାଳରେ ଝଡିପଡ଼ିଥାନ୍ତା ! ଈଶ୍ୱରଙ୍କର ଅପାର କରୁଣା ତାଙ୍କ ଉପରେ ଅଜାଡି ହୋଇପଡ଼ିଥିଲା । ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ସୁସ୍ଥ ପରିବେଶ ମଧ୍ୟରେ ସେ ଆନନ୍ଦରେ ହସି ଖେଳି ପାଠ ପଢ଼ି ଚାଲିଲେ ।୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏଂଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ୧ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ କଟକ ରେଭେନ୍ସା କଲେଜରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢ଼ିଥିଲେ । ସୁଖର କଥା ପାଠପଢ଼ାରେ ସେ ଯେପରି ସୁନାମ ଅର୍ଜନ କରିଥିଲେ କଲେଜରେ କ୍ରୀଡା କ୍ଷେତ୍ରରେ ମଧ୍ୟ ସମସ୍ତ ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟିକରିଥିଲେ,



ଅକ୍ଷୟ କୁମାର ରାଉତ

ଯାହାକି ବହୁଦିନ ପର୍ଯ୍ୟନ୍ତ ତାଙ୍କ ରେକର୍ଡକୁ କେହି ଭଙ୍ଗକରି ପାରିନଥିଲେ । ତାଙ୍କ ପରି ଜଣେ ପ୍ରତିଥ ଯଶ ବ୍ୟକ୍ତିଙ୍କୁ ପାଇ ଓଡିଆ ଜାତି ଆଜି ନିଜକୁ ଧନ୍ୟ ମନେକରେ । ତାଙ୍କର ପ୍ରଗତିଶୀଳ ଅଗ୍ରଗାମୀ ଚିନ୍ତାଧାରା ପାଇଁ ସେ ଶିଳ୍ପପତିରେ ସମ୍ମାନ ଲାଭ କରିଥିଲେ । ରାଜନୈତିକ ଶାସନକାଳ ଭିତରେ ସେ ବୈଜ୍ଞାନିକର ସ୍ୱର ଉତ୍ତୋଳନକରି ଓଡିଆ ଜାତିର ସର୍ବାଙ୍ଗୀନ ଉନ୍ନତିର ଉଦ୍ୟମ ଚଳାଇବାକୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭୁଲିନଥିଲେ । ଓଡିଆ ଜାତିର ସୁଖ, ଶାନ୍ତି କିପରି ବୃଦ୍ଧି ହେବ, ଏ ଜାତି ସମଗ୍ର ବିଶ୍ୱ ଦରବାରରେ କିପରି ପରିଚିତ ହୋଇପାରିବ,ଏ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଛି କଳିଙ୍ଗ ପୁରସ୍କାର ପାଇଁ । ଭୁବନେଶ୍ୱରରେ ଓଡିଶା ଫ୍ଲାଇଙ୍ଗ୍ କ୍ଲବ୍ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ପାରିଥିଲା ।କଟକ ରେଭେନ୍ସା କଲେଜରେ ଓୟାରଲେସ୍ ଟ୍ରେନିଙ୍ଗର ବ୍ୟବସ୍ଥା କରି ସେ ଓଡିଆ ଯୁବକ ମାନଙ୍କୁ ଉକ୍ତ ତାଲିମ୍ ପାଇବାରେ ସୁଯୋଗ ଦେବା ସଙ୍ଗେସଙ୍ଗେ ପାଣିଜାହାଜ ଓ ଉଡ଼ାଜାହାଜ ଆଦି ସଂସ୍ଥାରେ ନିଯୁକ୍ତ ପାଇବାର ପଥ ସୁଗମ କରି ପାରିଛନ୍ତି ।ବେଳେ ବେଳେ ଆମ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଇ.ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇବାରେ ବହୁ ବିଳମ୍ବ ଘଟୁଥିଲା । ରାଜ୍ୟ ବାହାରେ ଥିବା ବିଭିନ୍ନ ଇଂଜିନିୟରିଂ କଲେଜରେ ଯଥାସମୟରେ ଅଧ୍ୟୟନ କରିବାପାଇଁ ଛାତ୍ର ମାନଙ୍କ ଆବେଦନ କରିବାର ତାରିଖ ଚାଲି ଯାଉଥିଲା । ଯାହାଫଳରେ କି ଓଡ଼ିଶାର କୃତୀ ଛାତ୍ରମାନେ ଉକ୍ତ କଲେଜ ମାନଙ୍କରେ ନାମ ଲେଖାଇବାର ସୁଯୋଗରୁ ବଂଚିତ ହେଉଥିଲେ । ଅତିବ ଗର୍ବ ଓ ଗୌରବର କଥାଏହି ସମସ୍ୟାର ସମାଧାନ କରିବାକୁ ଯାଇ ରାଉରକେଲା ଠାରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରି ବିଜୁବାବୁ ଆଜି ବହୁ ପ୍ରତିଭାଧାରୀ ଓଡ଼ିଆ ପିଲାଙ୍କୁ ସେଠାରେ ଅଧ୍ୟୟନ କରିବାର ସୁଯୋଗ ଦେଇ, ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି । ବ୍ରହ୍ମପୁର ଓ ସମ୍ବଲପୁର ଠାରେ ଯଥାକ୍ରମେ ଭଞ୍ଜବିହାର ଓ ଜ୍ୟୋତିବିହାର ନାମକ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାରେ ବିଜୁବାବୁଙ୍କ ଭୂମିକା ଅବିସ୍ମରଣୀୟ । ଓଡିଆ ପିଲାଏ କିପରି ଅଧିକ ଶୃଙ୍ଖଳିତ ହୋଇ ଦେଶ ଓ ଜାତିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିପାରିବେ, ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ସେ ଭୁବନେଶ୍ୱର ଠାରେ ଏକ ସୈନିକ ସ୍କୁଲ୍ ଓ ଡି.ଏମ୍.ସ୍କୁଲ୍ ପ୍ରତିଷ୍ଠା କରିଥିଲେ । ବିଶେଷ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନ୍ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯାଇଛନ୍ତି । ଏହା କେବଳ ତାଙ୍କର ପ୍ରଗାଢ଼ ଉତ୍ସାହ ଓ ଉଦ୍ୟମ ଯୋଗୁ ସମ୍ଭବ ହୋଇ ପାରିଛି । ଓଡିଶାକୁ ଏକ ଶିଳ୍ପୋନ୍ନତି ରାଜ୍ୟରେ ପରିଣତ କରିବାକୁ ଯାଇ ବିଜୁବାବୁ ଚୌଦ୍ୱାରରେ କଳିଙ୍ଗ ଟିଉବ୍‌ସ ଏବଂ ଓ.ଟି.ଏମ୍ ଲୁଗାକଳ ସ୍ଥାପନ କରି ଏ ରାଜ୍ୟର ପ୍ରଭୃତ ଉନ୍ନତି ସାଧନ କରିଯାଇଛନ୍ତି । ଦିନ ଥିଲା ଯେତେବେଳେ କି ଆମ ଓଡ଼ିଶା କେବଳ ଜଗତର ନାଥ ଜଗନ୍ନାଥଙ୍କ ନାମରେ ରାଜ୍ୟ ବାହାରେ ପରିଚିତ ହେଉଥିଲା । ଓଡ଼ିଶା ଆଜି କିନ୍ତୁ ପାରାଦ୍ୱୀପ ବନ୍ଦର ଯୋଗୁ ସମଗ୍ର ପୃଥିବୀରେ ସୁପରିଚିତ । ତେବେ ପାରାଦ୍ୱୀପ ବନ୍ଦର ଜନ୍ମ ଜାତକରୁ ଜଣାପଡେ ଯେ ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍ନିକାଲ୍ କମିଟି ଓ ୧୯୫୧ ମସିହାରେ କେନ୍ଦ୍ର ଜଳ ବିଦ୍ୟୁତ କମିଶନ ଏବଂ ଫରାସୀ ଟେକ୍ନିକାଲ୍ କମିଶନଙ୍କ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଣ ହିଁ ଉପଯୁକ୍ତ ସ୍ଥାନ । ଏହି ରିପୋର୍ଟ ଫଳରେ ପାରାଦ୍ୱୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବାପାଇଁ ପ୍ରସ୍ତାବ ହୋଇଥିଲା ।ଏହାପରେ ୧୯୫୪ ମସିହା ଅପ୍ରେଲ ମାସରେ ପୁନା ଠାରେ ସ୍ୱର୍ଗତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବନ୍ଦର ବୋର୍ଡର ବୈଠକରେ ଏହି ପରିକଳ୍ପନାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସ୍ୱର୍ଗତ ଶାସ୍ତ୍ରୀଜୀ ଆବଶ୍ୟକ ଅର୍ଥ ମଂଜୁର କରି ସାଧବପୁଅର ରାଜ୍ୟରେ ପାରାଦ୍ୱୀପ ଠାରେ ନୂତନ ରୂପରଙ୍ଗରେ ଏହି ବନ୍ଦରକୁ ଡେଲି ଦେଲେ ଏ ଜାତିର ହାତରେ ।୧୯୫୮ ମସିହା ଜାନୁୟାରୀ ମାସରେ ପାରାଦ୍ୱୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କଲାପରେ ୧୯୬୨ ମସିହା ଜାନୁୟାରୀ ୩ ତାରିଖରେ ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ଏହି ବୃହତ୍ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପିତ ହୋଇଥିଲା । ବିଶେଷ ଗର୍ବ ଓ ଗୌରବର କଥା ଯେ ଠିକ୍ ଏହି ସମୟରେ ବିଜୁବାବୁ ଥିଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ । ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ତାଙ୍କର ଉଦ୍ୟମ, ଉତ୍ସାହ ଓ ନିଷ୍ଠା ଏ ଜାତିର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯୁଗକୁ ।ତୁଳସୀ ଦୁଇପତ୍ରରୁ ବାସିଲା ପରି ବଡ଼ମଣିଷଙ୍କ ପରିଚୟ ମଧ୍ୟ ତାଙ୍କ ପିଲାଦିନରୁ ହିଁ ଜଣା ପଡିଥାଏ । ବିଜୁବାବୁ ଯେ ଦିନେ ଓଡ଼ିଶାର ବରପୁତ୍ର ରୂପେ ପୂଜା ପାଇବେ, ଏକଥା ତାଙ୍କ ଛାତ୍ର ଜୀବନରୁ ହିଁ ଜଣା ପଡ଼ିଥିଲା । ବିଜୁବାବୁ ଯେତେବେଳେ କଟକ ରେଭେନ୍ସା କଲିଜିଏଟ୍ରେ ଛାତ୍ର, ଠିକ୍ ସେହି ସମୟରେ ନଈବଢ଼ିରେ ବରି ଅଂଚଳର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖଣ୍ଡେ ଦେଶୀ ଡଙ୍ଗା ଧରି ଉତ୍କଳମଣି ଗୋପବନ୍ଧୁ ଚୁଡା ଚାଉଳ ଆଦି ରିଲିଫ୍ ସାମଗ୍ରୀ ଧରି ବାଂଟିବାକୁ ଯାଉଥିଲେ । ସାଙ୍ଗରେ ତାଙ୍କର ଦଳେ ସ୍ୱେଚ୍ଛାସେବୀ କଲେଜ ଛାତ୍ର ମଧ୍ୟ ଯାଇଥାନ୍ତି । ବଢ଼ିଲା ନଈ । ଆକାଶରେ ଟାଣ ମେଘୁଆ ଖରା । ଏଥିପାଇଁ ଉତ୍କଳମଣିଙ୍କ ହାତରେ ଥିଲା ଖଣ୍ଡେ କପଡାଛତା । ଦୈବାତ୍ ସେହି ଛତାଟିକୁ ପବନ ତାଙ୍କ ହାତରୁ ଛଡାଇନେଇ ବଢ଼ିଲା ନଈରେ ପକାଇଦେଲା । ତା'ପରେ ପରେ ଡବ୍ କରି ଏକ ଶବ୍ଦ ହେଲା । ଦେଖାଗଲା ବିଜୁ ପଟ୍ଟନାୟକ ସେହି ଛତାଟିକୁ ଆଣିବାପାଇଁ ନଈ ସୁଅରେ ଧାଇଁଛନ୍ତି । ଏ ଦୃଶ୍ୟ ଦେଖି ସାଥୀମାନେ ସିନା ଛାନିଆ ହୋଇ ଯାଇଥିଲେ କିନ୍ତୁ ଉତ୍କଳମଣିଙ୍କ ଆଖିରୁ ଧାର ଧାର ଲୁହ ଛୁଟିଥିଲା । କିଛି ସମୟ ପରେ ବିଜୁବାବୁ ସେ ଛତାଟିକୁ ଧରି ଉଜାଣି ସୁଅରେ ଛୁଟି ଆସି ଡଙ୍ଗାକୁ ଉଠିଯାଇ ଆନନ୍ଦରେ ଛତାଟିକୁ ଗୋପବନ୍ଧୁଙ୍କ ହାତକୁବଢ଼ାଇ ଦେଇଥିଲେ । ହେଲେ ଗୋପବନ୍ଧୁ ତାଙ୍କୁ କୋଳକୁ ଟେକିନେଇ ଲୁହ ଛଳଛଳ ଆଖିରେ ଶୁଣାଇଥିଲେ – ବାପ, ଏ ସାମାନ୍ୟ ଛତା ଖଣ୍ଡିକ ପାଇଁ ତୁ ଏତେବଡ଼ ଦୁର୍ଲ୍ଲଭ ଜୀବନକୁ ହରାଇ ଦେବାକୁ ଯାଉଥିଲୁ । ନିର୍ଭୀକ ଛାତ୍ର ବିଜୁବାବୁ ବିନୀତ ସ୍ୱରରେ ଶୁଣାଇଥିଲେ – ଆଜ୍ଞା, ମୋ ଜୀବନ ଠାରୁ ଅଧିକ ମୂଲ୍ୟବାନ ଆପଣଙ୍କର ଏଇ ଛତା ଖଣ୍ଡିକ । ଏତିକିରେ ଗୋପବନ୍ଧୁଙ୍କର ଅଶେଷ ଆଶୀର୍ବାଦ ଅଜାଡି ହୋଇପଡିଥିଲା ତାଙ୍କ ଉପରେ । ଅନ୍ୟ ଏକ ଦିନର ଘଟଣା । ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶତବାର୍ଷିକ ଉତ୍ସବ ୩ ଦିନଧରି ପାଳିତ ହେଉଥାଏ । ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ ବିଜୁବାବୁ । ସ୍କୁଲ୍‌ର ୧୪ ଶହ ଛାତ୍ରଛାତ୍ରୀ, ଶହ ଶହ ନିମନ୍ତ୍ରିତ ଅତିଥି ତଥା ଅଭିଭାବକଙ୍କୁ ନେଇ ସ୍କୁଲ୍ ପ୍ରାଙ୍ଗଣଟି ଆନନ୍ଦ ମୁଖର ହୋଇଉଠୁଥାଏ । ସେଦିନ ଏହି ସଭାମଂଚର ଆଦ୍ୟ ଆକର୍ଷଣ ଥିଲା, ସ୍କୁଲ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ କଣ୍ଠରେ ସମବେତ କଣ୍ଠସଂଗୀତ । ଅତିଥିମାନେ ମଂଚାସୀନ ହେଲେଣି, ଆଉ ମାତ୍ର ଅଳ୍ପ ସମୟ ପରେ କୋରସ୍ ଆରମ୍ଭ ହେବ । ଏହି ସମୟରେ କେତେକ ତଳଶ୍ରେଣୀର ଛାତ୍ର ନିଜ ନିଜ ମଧ୍ୟରେ କଥାବାର୍ତା ହେଉଥିବାର ଦେଖି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଖୁବ୍ ଚତୁରତାର ସହ ପିଲାମାନଙ୍କୁ ପାଟି ବନ୍ଦ କରିବାପାଇଁ ନାଲିଆଖି ଦେଖାଉଥିଲେ ।ବିଜୁବାବୁ ସଭାମଂଚରେ ଥାଇ ଏ ଦୃଶ୍ୟକୁ ବେଶ୍ ଅନୁଧ୍ୟାନ କରୁଥାନ୍ତି । ସଭାକାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ୍ୟ ବିଜୁବାବୁ ହଠାତ୍ ଉଠିପଡି ନିଜର ଭାଷଣ ଆରମ୍ଭ କରି ଶୁଣାଇଥିଲେ, "ପିଲାଏ, ତୁମେ ସବୁ ମୋର ଅତି ଆଦରର ପ୍ରିୟଭାଇ, ଭଉଣୀ । ଦିନେ ମୁଁ ତୁମରି ପରି ଏହି ସ୍କୁଲ୍‌ର ଛାତ୍ର ଥିଲି । ଆଜି ତୁମେ ଯେପରି ପାଟିତୁଣ୍ଡ କରୁଛ, ଆମେସବୁ ସେହିପରି ପାଟିତୁଣ୍ଡ କରୁଥିଲୁ । ତୁମ୍ଭମାନଙ୍କ ଠାରୁ ଅଧିକ ଦୁଷ୍ଟ ଥିଲି ମୁଁ । ଏହି ସ୍କୁଲରେ ଦିନକର ଘଟଣା । ସେଦିନ ବାରବାଟୀ କିଲ୍ଲା ଭିଲେଜ ଗ୍ରାଉଣ୍ଡର ଏକ ହେଲିକେପ୍ଟର ଓହ୍ଲାଇଲା । ତାକୁ ଦେଖିବାପାଇଁ ମୁଁ ଆନନ୍ଦରେ ଅଧୀର ହୋଇ ଉଠିଲି । ଭୂଗୋଳ ପିରିୟଡ । ସାର୍ ଭୂଗୋଳ ପଢ଼ାଉଥାନ୍ତି, ମୁଁ ସାର୍‌ଙ୍କ ଅନୁମତି ନନେଇ କ୍ଲାସରୁ ପଳାଇଗଲିଁ । ଭିଲେଜ୍ ଗ୍ରାଉଣ୍ଡରେ ପହଁଚି ହେଲିକେପ୍ଟରରେ ହାତ ମାରିଦେଲି । ସଂଗେ ସଂଗେ ପୁଲିସ୍‌ର ଲାଠି ପ୍ରହାର ମୋ ପିଠିରେ ହୋଇଗଲା । ଦୁଷ୍ଟାମୀ କରିଥିବାରୁ ଏପଟେ ପୁଲିସ୍ ଓ ସେପଟେ ସାର୍‌ଙ୍କ ଠାରୁ ଶାସ୍ତି ସିନା ପାଇଲି, ହେଲେ ସେଦିନ ମନେ ମନେ ଶପଥ କରିଥିଲି, ଦିନେ ନା ଦିନେ ମୁଁ ନିଶ୍ଚୟ ଉଡାଜାହାଜ ଚାଳକ ହେବି । ଈଶ୍ୱରଙ୍କ କୃପାରୁ ମୁଁ ଆଜି ଜଣେ ଦକ୍ଷ ପାଇଲଟ୍ ହୋଇପାରିଛି । ତେଣୁ ପିଲା ଏ ତୁମେ ସବୁ ଦୁଷ୍ଟାମୀ କର, ହେଲେ ସେହି ଦୁଷ୍ଟାମୀ ଭିତରେ ଜଣେ ବଡ଼ମଣିଷ ହେବାର ଆଶା ରଖ । ଏତିକି କହି ବିଜୁବାବୁ ବସି ପଡ଼ିଥିଲେ । ଏହାପରେ ଘନଘନ କରତାଳି ଧ୍ୱନିରେ ଏହି ଐତିହାସିକ ସାଂସ୍କୃତିକ ଉତ୍ସବର ପରିବେଶ ଆନନ୍ଦମୁଖର ହୋଇ ଉଠିଥିଲା ଏବଂ ପିଲାମାନେ ଶାନ୍ତ, ନୀରବ ବାତାବରଣ ସୃଷ୍ଟି କରିପାରିଥିଲେ । ବିଜୁବାବୁ ଥିଲେ ଓଡିଆ ଜାତିର ଏକ ଅଲିଭା ପ୍ରଦୀପ । ସେ ପ୍ରଦୀପ ଯୁଗ ଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ । ତାଙ୍କ ଅମର ଆତ୍ମାର ଜୟଗାନ ଏ ଦେଶର ଗଗନ ପବନକୁ ଏହିପରି ମୁଖରିତ କରୁଥାଉ ।

ପାରାଦ୍ୱୀପଗଡ, ଜିଲ୍ଲା-ଜଗତ୍‌ସିଂହପୁର
ମୋ - ୯୯୩୭୬୯୧୪୭୫

# ପେଗାସସ୍ ଝଡ

Pegasus is a spy-ware or mal ware developed by NSO cyber arm farm of Israel capable of snooping theis data base,text messages ,pass words and tracking location-

ଆମ ପୁରାଣରେ ପକ୍ଷୀରାଜ ଘୋଡାର ବର୍ଣ୍ଣନା ପରି ଗ୍ରୀକ ଓ ରୋମାନ ପୁରାଣ ରେ ପେଗାସସ ନାମକ ଏକ ଆକାଶ ରେ ଉଡି ପାରୁଥିବା ଅଶ୍ୱର ନଜିର ଅଛି । ମାତ୍ର ଯେଉଁ ପେଗାସସ କୁ ନେଇ ଭାରତ ପାର୍ଲିଆମେଣ୍ଟରେ ଝଡ ଉଠୁଛି ତାହା ହେଉଛି ଏକ ବିଶେଷ ସଫ୍ଟ ଓୟାର ପ୍ରୋସେସ, ଯାହା ୨୦୧୩ ମସିହାରେ ଇସ୍ରାଏଲର ଏନ.ଏସ.ଓ. ନାମକ କମ୍ପାନୀ ଦ୍ୱାରା ଉଦ୍ଭାବିତ ହୋଇଛି । ପେଗାସିସ ନିଜର କ୍ଷମତା ବଳରେ ଉପଭୋକ୍ତାର ଅଜାଣତରେ ସେ ବ୍ୟବହାର କରୁଥିବା iSO(up to ୧୪.୬), ଆଣ୍ଡ୍ରଏଡ, ଆପଲ,ଫେସବୁକ, ହ୍ୱାଟସ ଅପ ଭଳି ପ୍ରୋସେସ ସହ ସଂଯୁକ୍ତ ହୋଇ ବ୍ୟକ୍ତିର ସମସ୍ତ ଡାଟା ଚୋରି କରିବାରେ ସକ୍ଷମ ହୋଇଥାଏ ଓ ବ୍ୟକ୍ତିର କଥାବାର୍ତ୍ତା ସହଜରେ ଟେପ କରିଥାଏ । It can work on zero cliking means without inter action of individual.ଫଳରେ ଦେଶ ଜାତୀୟ ବିରୋଧି ଓ ଆତଙ୍କ ବାଦୀଙ୍କ କାର୍ଯ୍ୟକଳାପ ଆଗୁଆ ସୂଚନା ପାଇ ବିହିତ ପଦେକ୍ଷପ ନେବାରେ ସରକାର ସକ୍ଷମ ହୋଇଥାଏ । ଇସ୍ରାଏଲ ନିଜର ସୁରକ୍ଷା ପାଇଁ ଏହାର ସଫଳ ବିନିଯୋଗ କରିବାରେ ସକ୍ଷମ ହୋଇଛି । ଏ ପର୍ଯ୍ୟନ୍ତ ତୈଳ ସମୃଦ୍ଧ ଆରବ ରାଷ୍ଟ୍ର ,ପାନାମା ଭଳି ରାଷ୍ଟ୍ର ମାନେ କୋଟି କୋଟି ଟଙ୍କା ଦେଇ ଏ ସବୁ ବ୍ୟବହାର କରିଆସୁଛନ୍ତି । ସାଉଦି ଆରବରେ ସାମ୍ବାଦିକ ଖାସଯୋଗୀଙ୍କ ହତ୍ୟା ଏହି ପେଗାସସ ଦ୍ୱାରା ତାଙ୍କ ସାଉଦୀ ରାଜପରିବାର ବିରୁଦ୍ଧରେ କାର୍ଯ୍ୟ ଜଣାପଡିଲା ପରେ ହୋଇଥିଲା । ୨୦୧୬ ମସିହାରେ



ଡାଃ ସୁରେନ୍ଦ୍ର ନାଥ ଦାଶ

ଜଣେ ଆରବ ମାନବ ଅଧିକାର କର୍ମୀ ଅହମଦ ମନସୁର ନିଜେ ପେଗାସିସ ସ୍ପାଇ ଓୟାରର ଶୀକାର ହେଲା ପରେ ଏହା ଲୋକ ଲୋଚନକୁ ଆସିଲା । କମ୍ପାନୀ କର୍ତ୍ତୃପକ୍ଷ ଦାବି କରନ୍ତି ଯେ ଏହା କେବଳ ଜାତୀୟ ବିରୋଧି ଓ ନିଶା ବେପାରୀଙ୍କ ବିରୁଦ୍ଧରେ ବ୍ୟବହୃତ ହୁଏ । ଏ ପର୍ଯ୍ୟନ୍ତ ବିଶ୍ୱର ୫୦ ହଜାର ଫୋନ ଏହାର ଲକ୍ଷ୍ୟରେ ଅଛନ୍ତି ବୋଲି ଆନ୍ତର୍ଜାତିକ ମାନବାଧିକାର ସଂଗଠନ ନିଜେ ଆରମ୍ଭ କରିଥିବା ତଦନ୍ତ ପ୍ରୋଜେକ୍ଟ ପେଗାସିସ ରୁ ଜାଣି ପାରିଛନ୍ତି । ମୁଖ୍ୟତଃ ମାନବାଧିକାର କର୍ମୀ,ରାଜନୈତିକ ନେତା, ବିଚାରପତି, ଉଚ୍ଚ ସରକାରି କର୍ମଚାରୀ ମାନେ ଏହାର ଶୀକାର ହେଉଛନ୍ତି । ଭାରତରେ ମଧ୍ୟ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି । କେତେକ ସୁପ୍ରୀମ କୋର୍ଟର ମହିଳା କର୍ମଚାରୀ ଯେଉଁମାନେ ପୂର୍ବତନ ପ୍ରଧାନ ବିଚାରପତି ରଂଜନ ଗୋଗାଇଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ ସେମାନ ତାଙ୍କର ଫୋନ ପେଗାସସର ଶୀକାର ହେବାର ଜଣା ପଡିଥିଲା । କର୍ଣ୍ଣାଟକ ସରକାର ଏହାର ଦୂରୁପୋଯୋଗ କରି ବିରୋଧି ମାନଙ୍କ ଖବର ଜାଣୁଛନ୍ତି । ମୋଦୀ ସରକାର ମଧ୍ୟ ପ୍ରିୟଙ୍କା ଗାନ୍ଧି, ରାହୁଲ ଗାନ୍ଧି,ପାକିସ୍ଥାନ ପ୍ରଧାନ ମନ୍ତ୍ରୀ ଇମ୍ରାମ ଖାଁ ଙ୍କ ଫୋନ ଟ୍ୟାପ କରୁଛନ୍ତି ବୋଲି ପାର୍ଲଆମେଣ୍ଟରେ ଅଭିଯୋଗ ଆସିଛି । ଏଥିପାଇ ଁବିରେଧି ସଭ୍ୟ ମାନେ ସଂପୃକ୍ତ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣମ୍ୟଙ୍କ ହାତରୁ ରିପୋର୍ଟ ଟାଣି ନେଇ ଚିରିବା ସହ ସଂପୂର୍ଣ୍ଣ ତଥ୍ୟ ଦାବି କରିଛନ୍ତି ।

୨୦୧୯ ମସିହାରେ ହ୍ୱାଟସ ଅପର ଶାଖା ଫେସ ବୁକ ନିଜର ଡାଟା ଚୋରି କରିବା ନେଇ କାଲି'ର୍ଣ୍ଣିଆ ଫେଡରାଲ କୋର୍ଟ ରେ ଏନ ଏସ ଓ କମ୍ପାନି ବିରୁଦ୍ଧରେ ଅଭିଯୋଗ ଆଣିଛି। ଆଗକୁ ଏହି ଅତ୍ୟାଧୁନିକ ଜଟିଳ ପ୍ରକ୍ରିୟା କି ମୋଡ ନେବ ତାହା ଜାଣିବା ପାଇଁ ବିଶ୍ୱ ଅପେକ୍ଷା କରିଛି ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬

# ମେହବୁବା ମୁଫ୍‌ତି ଫାରୁକ ଅବଦୁଲ୍ଲା ବନାମ ୩୭୦ ଧାରା : ପାକିସ୍ତାନ ସେମାନଙ୍କ ପାଇଁ ପ୍ରଥମ ଘର ହେଲେ, କାଶ୍ମୀର ତାଙ୍କର ଦ୍ୱିତୀୟ ଘର

୨୦୧୯, ଅଗଷ୍ଟ ପାଞ୍ଚତାରିଖି ଦିନ ସଂସଦରେ ଆଗତ ହୋଇଥିବା ପ୍ରସ୍ତାବ, ବହୁ ପ୍ରତୀକ୍ଷିତ ବିଳମ୍ବିତ ଓ ଉପେକ୍ଷିତ ସମ୍ବେଦନଶୀଳ ପ୍ରସଙ୍ଗ । ଜାମ୍ମୁ-କାଶ୍ମୀରରେ ଧାରା ୩୫(ଏ) ଏବଂ ଧାରା ୩୭୦ ଉଚ୍ଛେଦ ହେବା ଏକ ଐତିହାସିକ ଘୋଷଣାର ଦେଶର ଲୋକତାନ୍ତ୍ରିକ ଇତିହାସ ପାଇଁ ଏକ ସ୍ମରଣୀୟ, ଉଲ୍ଲେଖନୀୟ ଏବଂ ଏହା ଏକ ଦୃଷ୍ଟାନ୍ତଯୋଗ୍ୟ ଦୃଢ଼ ପଦକ୍ଷେପ । ଏଥିପାଇଁ ସେଦିନ ଦେଶରେ ଖୁସିର ଲହରୀ ଏବଂ ଏଭଳି ଦୁଃସାହାସିକ ଯଥାର୍ଥ ପଦକ୍ଷେପଟି ଦେଶବାସୀଙ୍କ ହୃଦୟକୁ ମର୍ମେ ମର୍ମେ ସ୍ପର୍ଶ କରିପାରିଥିଲା । ସେହି ଦିନଠାରୁ ପାକିସ୍ତାନର ନିଦ ମଧ୍ୟ ହାଜି ଯାଇଥିବା ବେଳେ, କାଶ୍ମୀର ପାଇଁ ଦେଖୁଥିବା ଦିବାସ୍ୱପ୍ନ ମଧ୍ୟ ବାସ୍ତବରେ ଧୂଳିସାତ୍ ହୋଇଯାଇଛି । ଏଥିପାଇଁ ଏ ସମ୍ବନ୍ଧରେ ପୂର୍ବରୁ ଆଜି ପର୍ଯ୍ୟନ୍ତ ବହୁ ଅସିମାହୀନ ବିବୃତ୍ତି ଓ ଗୁରୁତ୍ୱପୂର୍ଣ୍ଣ, ଧମକପୂର୍ଣ୍ଣ ଚେତାବନୀ ସେଠାକାର ନିଜକୁ ଜନପ୍ରିୟ ନେତା ବୋଲାଉଥିବା ବ୍ୟକ୍ତିବିଶେଷମାନେ ସେମାନଙ୍କର ଚିନ୍ତାଧାରାର କୁପ୍ରଚେଷ୍ଟାରୁ ଏବେ ବି ନିବୃତ ନାହାଁନ୍ତି । ଜାମ୍ମୁ କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ଫାରୁକ ଅବଦୁଲ୍ଲା ଓ ମେହବୁବା ମୁଫତି ଯେଉଁ ବୟାନ ଦେଉଛନ୍ତି ତାହା ଦେଶଦ୍ରୋହୀ ନା ଦେଶପ୍ରେମରେ ତାଙ୍କର ଏକାଗ୍ରତା କେତେ ଯେ ଭରିରହିଛି ତାର ଆନ୍ତରିକତାର ସ୍ପଷ୍ଟ ପ୍ରମାଣ ନିଜେ ଗଣମାଧ୍ୟମରେ ପ୍ରକାଶ କରୁଛନ୍ତି । ଦୁଇଜଣଙ୍କ ଦୁଇପ୍ରକାର ବୟାନକୁ ନେଇ ତାର ଉତ୍ତର ସିଧାସିଧା ମୁଁ ଜଣେ କଠୋରପନ୍ଥୀ ରାଷ୍ଟ୍ରପ୍ରେମୀ ଭାବରେ ସ୍ପଷ୍ଟ କରୁଛି । ପୂର୍ବରୁ ଅବଦୁଲ୍ଲା କହିଥିଲେ ଯେ, କେନ୍ଦ୍ର ସରକାର ଜାମ୍ମୁ-କାଶ୍ମୀର ରାଜ୍ୟରୁ ଯଦି ୩୭୦ଧାରା ଉଚ୍ଛେଦ କରିବା ପାଇଁ ଦୁଃସାହସିକ ପଦକ୍ଷେପମାନ ଗ୍ରହଣ କରନ୍ତି, ତେବେ ଜାମ୍ମୁ-କାଶ୍ମୀର ଭାରତ ଠାରୁ ଅଲଗା ହୋଇଯିବ । କେହି ଏହାକୁ ଅଟକାଇ ପାରିବେ ନାହିଁ । ୩୭୦ ଧାରା ଆଇନ ଜାମ୍ମୁ-କାଶ୍ମୀରବାସୀଙ୍କ ଭାବାବେଗ ସହିତ ଓତପ୍ରୋତଃ ଭାବରେ ହୃଦୟ ଭିତରେ ଯୋଡ଼ିହୋଇ ରହିଛି । କସ୍ମିନକାଳେ ୩୭୦ଧାରା ଉଚ୍ଛେଦ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ଭାରତ ସରକାରଙ୍କୁ ସତର୍କତାର ସହିତ ଚରମବାଣୀ ଶୁଣାଇଥିଲେ । ଜଣେ ବରିଷ୍ଠ ନେତା ଭାବରେ ଦେଶମାତୃକା ତାଙ୍କୁ ଯଥେଷ୍ଟ ସମ୍ମାନ ଦେଉଥିବା ବେଳେ କାହିଁକି, କିଭଳି ଏବଂ କେଉଁ ଚିନ୍ତାଧାରାରେ ୩୭୦ ଧାରା ତାଙ୍କୁ ବିଚଳିତ କରିଛି ତାହା ଦେଶବାସୀଙ୍କ ହୃଦୟ ଭିତରେ ସନ୍ଦେହ ପ୍ରକାଶ ପାଇବା ସ୍ୱାଭାବିକ । ବୟସାଧିକ କାରଣରୁ ବାର୍ଦ୍ଧକ୍ୟ ତାଙ୍କୁ ଗ୍ରାସ କରିଛି ନା ପାକିସ୍ତାନୀ ପୀତି ତାଙ୍କୁ ଘାରିଛି କିମ୍ବା ଏହା ତାଙ୍କର ଅପରିପକ୍ୱତାର ପରିଚୟ ତାହାର ସଠିକ୍ ଉତ୍ତର ଫାରୁକ ଅବଦୁଲ୍ଲା ହିଁ ଜାଣିଥିବେ । ଏହା ଦେଶବାସୀଙ୍କ ହୃଦୟକୁ ଗଭୀର ଭାବରେ ଆଘାତ ଦେଇଛି । ସେଥିପାଇଁ ଫାରୁକ ଅବଦୁଲ୍ଲାଙ୍କୁ ସତର୍କ କରିଦେବା ପାଇଁ ଚାହେଁ ଯେ, ଭାରତୀୟଙ୍କ ରକ୍ତର ହୋଲିରେ ଏହି ଭୂସ୍ୱର୍ଗ ଗଠିତ । ଏହା କାହାର ପୈତୃକ ସମ୍ପତ୍ତି ନୁହେଁ କି କାଶ୍ମୀର ଜନତା କାହାର ନୌକର ନୁହଁନ୍ତି । ସେହିପରି ଗତ ୨୦୨୧, ଜୁନ୍ ୨୪ ତାରିଖରେ କାଶ୍ମୀରରେ ଗଣତନ୍ତ୍ର ପ୍ରତିଷ୍ଠା କରିବା ବିକାଶ ଧାରାକୁ ଯେତେ ଶୀଘ୍ର ତ୍ୱରାନ୍ୱିତ କରିବା ଏବଂ ନିର୍ବାଚନୀ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ପ୍ରଧାନମନ୍ତ୍ରୀ ଏକ ସର୍ବଦଳୀୟ ବୈଠକ ଡ଼ାକିଥିଲେ । ଏହି ବୈଠକରେ ମେହବୁବା ମୁଫତି ଗଣମାଧ୍ୟମକୁ ଅନ୍ୟ ଏକ ଭିନ୍ନ ବିବୃତ୍ତି ଦେଇ କହିଛନ୍ତି ଯେ, କାଶ୍ମୀରରେ ଯଦି ଶାନ୍ତି ପ୍ରତିଷ୍ଠା କରିବାକୁ ସରକାର ଚାହୁଁଛନ୍ତି, ତେବେ ପାକିସ୍ତାନ ସହିତ ଆଲୋଚନା କରିବା ଉଚିତ୍ । କିନ୍ତୁ ଗଣତନ୍ତ୍ରକୁ ସମ୍ମାନ ଦେବା ବିକାଶର ଧାରା ତାଙ୍କର ହୃଦୟ ଭିତରେ ପ୍ରତିଫଳିତ ହୋଇନଥିଲା । ତେବେ, ତାଙ୍କୁ ମଧ୍ୟ ଦେଶବାସୀଙ୍କର ହୃଦୟର ଗାଥା ତଥା ତାଙ୍କର ପ୍ରଶ୍ନର ଉତ୍ତର ତାଙ୍କରି ଭାଷାରେ ଚରମ ଚେତାବନୀ ନଦେଲେ ଦେଶମାତୃକାର ହୃଦୟକୁ ସାନ୍ତ୍ୱନା ଦେବ ନାହିଁ । ଭାରତର ସାର୍ବଭୌମତ୍ୱ ଉପରେ କାହାର କୌଣସି ଅଧିକାର ନାହିଁ ତାହା ବୋଧେ ମେହବୁବାଙ୍କୁ ଅଗୋଚର । ଯେଉଁ ଦେଶ ଗଧ ବିକି ଚଳୁଛି ଏବଂ ଗଧ ବିକି ଦେଶ ପାଇଁ ବିକାଶର ଦିବା ସ୍ୱପ୍ନ ଦେଖୁଛି, ତା ଠାରୁ ମେହବୁବା କେଉଁ ଆଶା କରି ସ୍ୱପ୍ନ ଦେଖୁଛନ୍ତି ? ସେହିଦିନ ଜଣାଇଥିଲେ ଜଣେ ଦେଶପ୍ରେମୀ ଭାବରେ ପରିପକ୍ୱ ନେତ୍ରୀର ପରିଚୟ ମିଳିପାରିଥାନ୍ତା । ସେ ଦେଶ ସ୍ୱାଧୀନତା ପରଠାରୁ କେବଳ ଆତଙ୍କବାଦୀ ମାନଙ୍କର ବିକାଶର ସ୍ୱପ୍ନକୁ ସାକାର କରିବା ଛଡ଼ା ଅନ୍ୟ କୌଣସି ଲୋକାଭିମୁଖୀ ବିକାଶର ସ୍ୱପ୍ନ ଦେଖିନାହିଁ । ତାଙ୍କରି ମାଧ୍ୟମରେ ସେମାନଙ୍କୁ ପରଦା ପଛର ନାୟକ ସାଜି ଭାରତକୁ ଧ୍ୱଂସାଭିମୁଖୀ କରିବା ପାଇଁ ସର୍ବଦା ସ୍ୱପ୍ନ ଦେଖୁଛି । ଯଦି, କାଶ୍ମୀରରେ ଗଣତନ୍ତ୍ର ପ୍ରତିଷ୍ଠା ଓ ବିକାଶ ପାଇଁ ମେହବୁବାଙ୍କ ହୃଦୟ ଭିତରେ ଅଛି, ତେବେ ମେହବୁବା ଆନ୍ତରିକତାର ସହିତ ପାକିସ୍ତାନ ଅଧିକୃତ କରିଥିବା କାଶ୍ମୀର (ପି.ଓ.କେ)ରେ ଥିବା କାଶ୍ମୀର ବିଧାନସଭାର ୧୧୪ଟି ଆସନକୁ (ପି.ଓ.କେ)ରେ ଥିବା ୨୪ଟି ଆସନରେ ପ୍ରାର୍ଥୀ ଦେଇ କିପରି ନିର୍ବାଚନ କରାଯାଇ ଗଣତନ୍ତ୍ର ପ୍ରତିଷ୍ଠା ହେବ ସେଥିପାଇଁ ପାକିସ୍ତାନ ସହିତ ଆଲୋଚନା ମାଧ୍ୟମରେ ସମାଧାନ ବାଟ ବାହାର କରିବା ଜଣେ ରାଷ୍ଟ୍ରପ୍ରେମୀ ଭାବରେ ଭାରତମାତାକୁ ପରିଚୟ ଦିଅନ୍ତୁ ।ଆମ୍ଭର ଭାରତୀୟତା, ଜାତୀୟତା, ସର୍ବଧର୍ମ ନିରପେକ୍ଷତା ବିବିଧତା ମଧ୍ୟରେ ଏକତା, ସମତା ମଧ୍ୟରେ ସମାନତା ଏହା ହିଁ ଆମ୍ଭର ଭାଇଚାରାର ସହୃଦୟତା ଭରି ରହିଥିବା ବେଳେ ଏହାକୁ ହୃଦୟଙ୍ଗମ କରି ଦିଗ୍‌ଦର୍ଶୀ ନେତା ଫାରୁକ ଅବଦୁଲ୍ଲା ଓ ମେହବୁବା ମୁଫ୍‌ତି ନିଶ୍ଚିତ ଭାବରେ ପାକିସ୍ତାନକୁ 'ପ୍ରେମର ପ୍ରେରଣା' ଯୋଗଉଥିବାର ସୂଚନା ମିଳୁଛି । କାଶ୍ମୀର ଭାରତର ଅବିଚ୍ଛେଦ ଅଙ୍ଗ । ସେଠାରେ ଲାଗୁ ହୋଇଥିବା ୩୭୦ ଧାରାକୁ ନେଇ ଫାରୁକ, ମୁଫିତଙ୍କର ବିରୋଧ କାହିଁକି ? ଘଟଣାକ୍ରମରେ, କାଶ୍ମୀର ପୁଲୱାମା ଆକ୍ରମଣକୁ ନେଇ ଭାରତର ନିଦ ହଜାଇ ଦେଇଛି । କାଶ୍ମୀର ସମସ୍ୟାକୁ ନେଇ ପାକିସ୍ତାନ ସହିତ ଅନେକଥର ମୁହାଁମୁହିଁ ହୋଇଥିବା ଭାରତ ଏବେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଏହି ରାଷ୍ଟ୍ରକୁ କଡ଼ା ଜବାବ ଦେବାକୁ ଯୋଜନା କରିଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଇତିମଧ୍ୟରେ ବ୍ୟାପକ କାର୍ଯ୍ୟାନୁଷ୍ଠାନମାନ ଗ୍ରହଣ କରିଛନ୍ତି । ମାତ୍ର ଯେ ପର୍ଯ୍ୟନ୍ତ ଜାମ୍ମୁ-କାଶ୍ମୀରର ୩୭୦ଧାରା ଉଚ୍ଛେଦ ନହୋଇଥିଲା, ସେ ପର୍ଯ୍ୟନ୍ତ ସମସ୍ତ ଉଦ୍ୟମ ବୃଥା ଯିବା ମନେ ହେଉଥିଲା । କାରଣ ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେଇଥିବା ଏହି ଧାରା ବସ୍ତୁତଃ କାଶ୍ମୀର ଭାରତର ଅବିଚ୍ଛେଦ ଅଙ୍ଗ ହେବା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଥିଲା । ଧାରା ୩୭୦ କାରଣରୁ କାଶ୍ମୀର ଉପରେ ଭାରତର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନାହିଁ । ଭାରତ କହିଲେ ସାଧାରଣତଃ କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭୂଖଣ୍ଡକୁ ବୁଝାଯାଏ । ୨୯ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଅଖଣ୍ଡ ଭାରତବର୍ଷ ଗଠିତ । ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭାରତୀୟ ସମ୍ବିଧାନର ବିଧିବ୍ୟବସ୍ଥା ପ୍ରଚଳିତ । ସାମ୍ବିଧାନିକ ନିୟମ ଅନୁସାରେ କେତେକ ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯାଇଛି । ମାତ୍ର ଏହି ସ୍ୱତନ୍ତ୍ର ରାଜ୍ୟ ଗୁଡ଼ିକ ଠାରୁ କାଶ୍ମୀର ସମ୍ପୂର୍ଣ୍ଣ ଭିନ୍ନ । ସମଗ୍ର ଭାରତକୁ ଗୋଟିଏ ସୂତ୍ରରେ ବାନ୍ଧିବା ନେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଜାମ୍ମୁ-କାଶ୍ମୀର ଭାରତରେ ସମ୍ମିଳିତ ହୋଇ ମଧ୍ୟ କାହିଁକି ସ୍ୱତନ୍ତ୍ର ମାନ୍ୟତା ଲାଭ କଲା ? କାହିଁକି ଏହା ଉପରେ ଭାରତର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନାହିଁ ? ଧାରା ୩୭୦ କ'ଣ ? ତଥା ତାହାକୁ ବିରୋଧ କରାଯିବାର କାରଣ କ'ଣ ?ଭାରତୀୟ ସମ୍ବିଧାନରେ ଭାଗ ୨୧ରେ ଜାମ୍ମୁ-କାଶ୍ମୀର ସମ୍ବନ୍ଧରେ ଅସ୍ଥାୟୀ ପ୍ରାବଧାନ ଭାବେ ଧାରା ୩୭୦ ସ୍ଥାନ ପାଇଛି । ଅସ୍ଥାୟୀ ପରିବର୍ତ୍ତନୀୟ ଏବଂ ବିଶେଷ ବ୍ୟବସ୍ଥା ଭାବେ ଏହାକୁ ସମ୍ବିଧାନରେ ଉଲ୍ଲେଖ କରାଯାଇଛି । ଏହି ଧାରା ଜାମ୍ମୁ-କାଶ୍ମୀରକୁ ଅନ୍ୟ ରାଜ୍ୟ ତୁଳନାରେ ବିଶେଷ ଅଧିକାର ପ୍ରଦାନ କରିଛି । ଏଣୁ ଭାରତର ଅନ୍ୟ ରାଜ୍ୟ ତୁଳନାରେ ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ଅଧିକାର ମିଳିଛି । ନେହେରୁଙ୍କ ବିଶେଷ ହସ୍ତକ୍ଷେପ ଦ୍ୱାରା ଧାରା ୩୭୦ ପ୍ରସ୍ତୁତ ହୋଇଥିଲା । ଏହା ଏକ ଅସ୍ଥାୟୀ ବ୍ୟବସ୍ଥା ହୋଇଥିବାରୁ ସମୟକ୍ରମେ ଏଥିରେ ପରିବର୍ତ୍ତନ କରାଯିବା କଥା । ମାତ୍ର ତାହା କରାଯାଇ ନାହିଁ । ଅନ୍ୟପଟେ ଏହି ଧାରା କାରଣରୁ କାଶ୍ମୀରରେ ବିଚ୍ଛିନ୍ନତାବାଦୀମାନେ ଅତ୍ୟଧିକ କ୍ଷମତା ଲାଭ କରିଛନ୍ତି ଓ ଘାଟିରେ ଅଶାନ୍ତି ଲାଗି ରହିଛି ବୋଲି ବିଶ୍ୱ ସମୁଦାୟ ଜାଣେ । ପୁଲୱାମା ଆତ୍ମଘାତି ଆକ୍ରମଣରେ ୪୧ଜଣ ଯବାନ ଶହୀଦ ହେବା ପରେ ଏହି ଧାରା ଉଠେଇବାକୁ ଦେଶବାସୀଙ୍କ ଦାବି ଜୋର ଧରିଛି । ଧାରା ୩୭୦ ଅନୁସାରେ ଅନ୍ୟ ରାଜ୍ୟରେ ଲାଗୁ ହୋଇଥିବା ଆଇନ୍ ଜାମ୍ମୁ-କାଶ୍ମୀରରେ ଲାଗୁ ହେବନାହିଁ । ଉଦାହରଣସ୍ୱରୂପ, ୧୯୬୫ ପର୍ଯ୍ୟନ୍ତ ରାଜ୍ୟପାଳଙ୍କ ସ୍ଥାନରେ 'ସଦର-ଏ-ରିଆସତ' ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ଦେଉଥିଲେ । ଭାରତର ସଂସଦ ଜାମ୍ମୁ-କାଶ୍ମୀର ପାଇଁ ପ୍ରତିରକ୍ଷା, ବୈଦେଶିକ ପ୍ରସଙ୍ଗ ତଥା ଯୋଗାଯୋଗ ଛଡ଼ା ଅନ୍ୟ କୌଣସି କ୍ଷେତ୍ର ଲାଗି ଆଇନ୍ ପ୍ରସ୍ତୁତ କରିପାରିବ ନାହିଁ । ଏଥି ନିମନ୍ତେ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାରଙ୍କ ସହମତି ନେବାକୁ ପଡ଼ିବ । ଜାମ୍ମୁ-କାଶ୍ମୀରରେ (ଧାରା ୩୫୬) ଲାଗୁ ହେବ ନାହିଁ । ରାଜ୍ୟର ସମ୍ବିଧାନ ବରଖାସ୍ତ କରିବା ନେଇ ରାଷ୍ଟ୍ରପତିଙ୍କ ନିକଟରେ ଅଧିକାର ନାହିଁ । ୧୯୭୬ର ସହରାଞ୍ଚଳ ଭୂମି ଆଇନ ମଧ୍ୟ ଜାମ୍ମୁ-କାଶ୍ମୀରରେ ଲାଗୁ ହେବ ନାହିଁ । ଭାରତର ଅନ୍ୟ କୌଣସି ରାଜ୍ୟର ଲୋକମାନେ ଜାମ୍ମୁ-କାଶ୍ମୀରରେ ଜମି କ୍ରୟ କରିପାରିବେ ନାହିଁ । ଅଧିକ ଜରୁରୀ ପରିସ୍ଥିତି ସମ୍ବନ୍ଧୀୟ 'ଧାରା ୩୬୦' ଏହି ରାଜ୍ୟରେ ଲାଗୁ କରିପାରିବ ନାହିଁ । ଏହି ଧାରା ଯୋଗୁଁ ଜାମ୍ମୁ-କାଶ୍ମୀରରେ ରାଷ୍ଟ୍ରୀୟ ପତାକା ଭିନ୍ନ ରହିଛି । ଜାମ୍ମୁ-କାଶ୍ମୀର ନାଗରିକଙ୍କ ନିକଟରେ ଦୁଇଟି ନାଗରିକତା ରହିଛି । ଅନ୍ୟ ରାଜ୍ୟର ବିଧାନସଭା କାର୍ଯ୍ୟକାଳ ୫ବର୍ଷ ହୋଇଥିବା ବେଳେ, ଜାମ୍ମୁ-କାଶ୍ମୀର ବିଧାନସଭା କାର୍ଯ୍ୟକାଳ ୬ ବର୍ଷ ଅଟେ । ସେଠାରେ ଭାରତୀୟ ରାଷ୍ଟ୍ରୀୟ ଧ୍ୱଜା କିମ୍ବା ରାଷ୍ଟ୍ରୀୟ ପ୍ରତୀକର ଅପମାନ ଅପରାଧ ନୁହେଁ । ଏଠାରେ ଭାରତର ସର୍ବୋଚ୍ଚ ଅଦାଲତର ନିର୍ଦ୍ଦେଶକୁ ପାଳନ କରାଯିବ ନାହିଁ । କାଶ୍ମୀରର କୌଣସି ଝିଅ

ପ୍ରଦୀପ ସେନାପତି

ଯଦି ଭାରତର ଅନ୍ୟ କୌଣସି ରାଜ୍ୟର ବ୍ୟକ୍ତିଙ୍କୁ ବିବାହ କରନ୍ତି, ତେବେ ତାଙ୍କ ନାଗରିକତ୍ୱ ସମାପ୍ତ ହେବ । କିନ୍ତୁ ଯଦି କାଶ୍ମୀରର ଯୁବତୀ ପାକିସ୍ତାନର କୌଣସି ପୁରୁଷଙ୍କୁ ବିବାହ କରନ୍ତି ତା'ହେଲେ ତାଙ୍କ ସ୍ୱାମୀଙ୍କୁ ଜାମ୍ମୁ-କାଶ୍ମୀରର ନାଗରିକତା ମିଳିବ । ଧାରା ୩୭୦ ଯୋଗୁଁ କାଶ୍ମୀରରେ ରହୁଥିବା ପାକିସ୍ତାନୀ ମାନଙ୍କୁ ନାଗରିକତା ମିଳିଯାଏ । ଜାମ୍ମୁ-କାଶ୍ମୀର ମହିଳାଙ୍କ ଉପରେ ସରିୟତ ଆଇନ୍ ଲାଗୁହୁଏ । ଜାମ୍ମୁ-କାଶ୍ମୀରରେ ପଞ୍ଚାୟତ ନିକଟରେ କୌଣସି ଅଧିକାର ନାହିଁ । ସେଠାରେ ଶିକ୍ଷା ଅଧିକାର (ଆରଟିଇ) ଓ ସିଏଜି ଲାଗୁ ହୁଏନାହିଁ । ସେଠାରେ କାମ କରୁଥିବା ଚପରାଶି ମାନଙ୍କୁ ଏବେବି ୨୫୦୦ ଟଙ୍କା ବେତନ ମିଳେ । କାଶ୍ମୀର ସଂଖ୍ୟାଲଘୁ ହିନ୍ଦୁ ଓ ଶିଖମାନଙ୍କୁ ୧୬% ସଂରକ୍ଷଣ ବ୍ୟବସ୍ଥାର ସୁବିଧା ମିଳେନାହିଁ ।ଭାରତ ଓ ପାକିସ୍ତାନ ବ୍ରିଟିଶ ଶାସନ ମୁକ୍ତ ହେବା ତଥା ବିଭାଜନ ପରେ ଏଗୁଡ଼ିକ ମଧ୍ୟରୁ କାହା ସହିତ ସମ୍ମିଳିତ ନହେବାକୁ ଜାମ୍ମୁ-କାଶ୍ମୀରର ରାଜା 'ହରି ସିଂ' ନିଷ୍ପତ୍ତି ନେଇଥିଲେ । ଜାମ୍ମୁ-କାଶ୍ମୀରକୁ ସେ ସ୍ୱତନ୍ତ୍ର ରାଷ୍ଟ୍ର କରିବାକୁ ଚାହୁଁଥିଲେ । କିନ୍ତୁ ୧୯୪୭ ମସିହା ଅକ୍ଟୋବର ୨୨ରେ କାଶ୍ମୀର ଦଖଲ କରିବା ଉଦ୍ଦେଶ୍ୟରେ ପାକିସ୍ତାନ ସେନାବାହିନୀ ଉତ୍ତରପଟୁ ଆକ୍ରମଣ କରିଥିଲା । ମୁଜାଫରବାଦ ଓ ମୀରପୁର ପାକିସ୍ତାନ କବ୍‌ଜା କରିନେଲେ । ଫଳରେ ମହାରାଜ ହରି ସିଂ ବାଧ୍ୟ ହୋଇ ଭାରତର ସହାୟତା ଲୋଡ଼ିଥିଲେ । ନେହେରୁ ଭାରତ ସହିତ ଜାମ୍ମୁ-କାଶ୍ମୀରର ବିଲୟ ନେଇ ତାଙ୍କ ନିକଟରେ ସର୍ତ୍ତ ରଖିଥିଲେ ଏବଂ ବାଧ ବାଧକତାରେ ମଧ୍ୟ ହରି ସିଂ ରାଜି ହୋଇଗଲେ । ଏଥିନେଇ ୧୯୪୭ ଅକ୍ଟୋବରରେ ମହାରାଜା ହରି ସିଂ ଓ ନେହେରୁଙ୍କ ମଧ୍ୟରେ ବିଲୟର ସନନ୍ଦ (ଇନଷ୍ଟ୍ରୁମେଣ୍ଟ ଅଫ୍ ଆସେସସନ) ସ୍ୱାକ୍ଷର ହେଲା । ସେହି ସନନ୍ଦ ଅଧୀନରେ ଜାମ୍ମୁ-କାଶ୍ମୀର କେବଳ ପ୍ରତିରକ୍ଷା ବୈଦେଶିକ ବ୍ୟାପାର ଓ ଭାରତୀୟ ରାଜ୍ୟଗୁଡ଼ିକ ସହିତ ଯୋଗାଯୋଗ କ୍ଷେତ୍ରରେ ହିଁ ଭାରତର ହସ୍ତକ୍ଷେପ ପାଇଁ ରାଜି ହୋଇଥିଲେ । ପ୍ରତିବଦଳରେ ଜାମ୍ମୁ-କାଶ୍ମୀରବାସୀ ନିଜର ସାମ୍ବିଧାନିକ ସଭାରେ ସେମାନଙ୍କର ସମ୍ବିଧାନ ପ୍ରସ୍ତୁତ କରିବେ ବୋଲି ରାଜା ଭାରତ ଠାରୁ ଭରଷା ପାଇଥିଲେ । ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା କାଏମ ରଖିବା ଲାଗି ମଧ୍ୟ ଉକ୍ତ ସନନ୍ଦରେ କିଛି ବିଶେଷ ବ୍ୟବସ୍ଥା କରାଯାଇଥିଲା । ଏଥିରେ କୁହାଯାଇଥିଲା ଯେ, ଯେପର୍ଯ୍ୟନ୍ତ ସେ (ମହାରାଜା) କୌଣସି ସଂଶୋଧନକୁ ସ୍ୱୀକାର କରିନାହାଁନ୍ତି କିମ୍ବା ଏହା ପ୍ରତିବଦଳରେ କୌଣସି ଅନୁପୂରକ ସାଧନା ଅଣା ନଯାଇଛି ସେଯାଏଁ ଏହି 'ଇନଷ୍ଟ୍ରୁମେଣ୍ଟ ଅଫ୍ ଆସେସନ'କୁ ଭାରତୀୟ ସ୍ୱାଧୀନତା ଆଇନ୍-୧୯୪୭ କିମ୍ବା ଅନ୍ୟ କୌଣସି ଆଇନ୍‌ରେ ସଂଶୋଧନ ଦ୍ୱାରା ପରିବର୍ତ୍ତନ କରାଯାଇ ପାରିବ ନାହିଁ । ୧୯୪୮ ମାର୍ଚ୍ଚରେ ଶେଖ ଅବଦୁଲ୍ଲା ଜାମ୍ମୁ-କାଶ୍ମୀରର ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଥିଲେ । ତାଙ୍କୁ ଜାମ୍ମୁ-କାଶ୍ମୀରର ତତ୍କାଳୀନ ମହାରାଜା ହରି ସିଂହ ଓ ଭାରତର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ରାଜ୍ୟର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଥିଲେ । ଧାରା ୩୭୦କୁ ଭାରତୀୟ ସମ୍ବିଧାନରେ ଅସ୍ଥାୟୀ ଭାବେ ସାମିଲ୍ କରିବା ପ୍ରସ୍ତାବକୁ ସେକ୍ ଅବଦୁଲ୍ଲା ବିରୋଧ କରିବା ସହିତ ରାଜ୍ୟ ପାଇଁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ଦାବି କରିଥିଲେ । ସ୍ୱାଧୀନ କାଶ୍ମୀରର ଶାସକ ହେବାର ଅଭିଳାଷରେ ଥିବା ତଥା ମହାରାଜ ସିଂହଙ୍କୁ ବିରୋଧ କରୁଥିବା ଅବଦୁଲ୍ଲା ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିବା ନେଇ ନେହେରୁଙ୍କୁ ରାଜି କରାଇଥିଲେ । ପାକିସ୍ତାନ ଜାମ୍ମୁ-କାଶ୍ମୀରର ଏକ ତୃତୀୟାଂଶ କ୍ଷେତ୍ର ଅକ୍ତିଆର କରିଥିବା ଜାତିସଂଘର ସନ୍ଦର୍ଭ ଏବଂ ଜନମତ ସଂଗ୍ରହ ଭଳି କେତେକ ଆଳ ଦେଖାଇ ସେ ଏଥିରେ ସଫଳ ହୋଇଥିଲେ । ବହୁ ବିବାଦ ପରେ ରାଷ୍ଟ୍ରୀୟ ସମ୍ବିଧାନ ସଭା ନିଷ୍ପତ୍ତି ନେଇଥିଲା ଯେ ସମ୍ବିଧାନର ଅନୁଚ୍ଛେଦ-୧ ଅନୁସାରେ ଜାମ୍ମୁ-କାଶ୍ମୀର ଭାରତର ଅଂଶ ହେବ; କିନ୍ତୁ ଧାରା ୩୭୦ ଅନୁସାରେ ହେବାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରାଯିବ । ଧାରା ୩୭୦ରେ କ'ଣ ଉଲ୍ଲେଖ ରହିବ ତାହା ଚୂଡ଼ାନ୍ତ କଲେ ଅବଦୁଲ୍ଲା ଓ ନେହେରୁ । କିନ୍ତୁ ଭାରତୀୟ ସମ୍ବିଧାନ ପ୍ରସ୍ତୁତକାରୀ ଡକ୍ଟର ଭୀମରାଓ ଆମ୍ବେଦକର ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବା ସପକ୍ଷରେ ନଥିଲେ । ତେଣୁ ନେହେରୁ ଜଣେ ମନ୍ତ୍ରୀ ତଥା ଆଇଏଏସ୍ ଗୋପାଳସ୍ୱାମୀ ଆୟାଙ୍ଗରଙ୍କ ସହାୟତା ଲୋଡ଼ିଥିଲେ । ଏହି ଘଟଣାକୁ ନେଇ ପଟେଲ ୧୯୪୭ ଡ଼ିସେମ୍ବର ୨୭ରେ ନେହେରୁଙ୍କୁ ପ୍ରଶ୍ନ କରିଥିଲେ । ନେହେରୁ କହିଥିଲେ କାଶ୍ମୀର ପ୍ରସଙ୍ଗରେ ସହଯୋଗ କରିବାକୁ ଗୋପାଳ ସ୍ୱାମୀଙ୍କୁ ସ୍ୱତନ୍ତ୍ର ଭାବେ କୁହାଯାଇଥିଲା । କାଶ୍ମୀର ସମ୍ବନ୍ଧରେ ତାଙ୍କର ଅଧିକ ଜ୍ଞାନ ଏବଂ ଅଭିଜ୍ଞତା ଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିଲା । ତାଙ୍କୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ଦେବାର ଆବଶ୍ୟକତା ଥିଲା । ଏ ସମ୍ବନ୍ଧରେ କେବଳ ସୂଚନା ରଖିବା ଭଳି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନ୍ୟ କିଛି କାର୍ଯ୍ୟ ନାହିଁ ବୋଲି ନେହେରୁ ଦର୍ଶାଇଥିଲେ । ଏହି ଘଟଣାକୁ ନେଇ କ୍ଷୁବ୍ଧ ପଟେଲ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ସରକାରର ଦୁଇ ପ୍ରମୁଖ ନେତାଙ୍କ ମଧ୍ୟରେ ମନୋମାଳିନ୍ୟ କଥା ମହାତ୍ମା ଗାନ୍ଧୀଙ୍କ ନିକଟରେ ପହଞ୍ଚିଲା । ଏହି ସମୟରେ ପଟେଲଙ୍କ ବ୍ୟକ୍ତିଗତ ସଚିବ ଥିଲେ ଆଇ.ଏ.ଏସ୍ ଭି. ଶଙ୍କର । ସେ ଏହି ସମସ୍ତ ତଥ୍ୟ ରେକର୍ଡ଼ କରିଥିଲେ । ତାଙ୍କ ରେକର୍ଡ଼ ଅନୁସାରେ ପଟେଲଙ୍କୁ ସୂଚିତ ନକରି ଅବଦୁଲ୍ଲାଙ୍କ ସହିତ ମିଶି ନେହେରୁ ଧାରା ୩୭୦ ଚୂଡ଼ାନ୍ତ କରିଥିଲେ ।। ପରେ ଗୋପାଳସ୍ୱାମୀଙ୍କ ସହିତ ମିଶି ଏହି ସମ୍ବନ୍ଧୀୟ ପ୍ରସ୍ତାବ ସାମ୍ବିଧାନିକ ସଭାରେ ଗୃହିତ କରିବାକୁ ଉଦ୍ୟମ କରିଥିଲେ । ମାତ୍ର ସାମ୍ବିଧାନିକ ସଭା ଓ କଂଗ୍ରେସ ପାର୍ଟି କାର୍ଯ୍ୟନିର୍ବାହୀଙ୍କ ମଧ୍ୟରେ ଏହାକୁ ନେଇ ଭିନ୍ନ ମତ ପ୍ରକାଶ ପାଇବାରୁ ଧାରାଟି ଗୃହିତ ହୋଇପାରି ନଥିଲା । ତତ୍‌ସମୟରେ ବିଦେଶରେ ଥିବା ନେହେରୁ ନିଜର ଅହଂଭାବକୁ ଦବାଇ ପଟେଲଙ୍କ ସହାୟତା ଲୋଡ଼ିଥିଲେ । ନିଜର ଓ ଅନ୍ୟମାନଙ୍କ ସନ୍ଦେହ ସତ୍ତ୍ୱେ ସାମ୍ବିଧାନିକ ସଭାରେ ଧାରା ୩୭୦ ପ୍ରସ୍ତାବ ଗୃହିତ କରାଇବାକୁ ପଟେଲଙ୍କୁ ସେ ନିବେଦନ କରିଥିଲେ । ପଟେଲ ଉଭୟ ପକ୍ଷଙ୍କୁ ସହମତ କରିବାରେ ସଫଳ ହୋଇଥିଲେ । ଅବଶ୍ୟ ଏ ନେଇ ଅନୁଷ୍ଠିତ ବୈଠକରେ ଅଭୁତପୂର୍ବ ହଟ୍ଟଗୋଳ ହୋଇଥିଲା, କିନ୍ତୁ ପଟେଲ ଯେତେବେଳେ ଧାରାଟିକୁ ପାରିତ କରିବାର ଦାୟିତ୍ୱ ନେଲେ ସମସ୍ତ ବିରୋଧି ନୀରବ ହୋଇଯାଇଥିଲେ । ପଟେଲଙ୍କ ଦେହାନ୍ତ ପରେ ୧୯୫୨ ଜୁଲାଇ ୨୪ରେ ନେହେରୁ ସଂସଦରେ କାଶ୍ମୀର ପ୍ରସଙ୍ଗରେ ବିବୃତ୍ତି ଦେଇଥିଲେ । ଏହି ପ୍ରସଙ୍ଗ ସହିତ ପଟେଲ ସବୁ ସମୟରେ ଜଡ଼ିତ ଥିଲେ ବୋଲି ସେ ଦର୍ଶାଇଥିଲେ । ତାଙ୍କର ଏହି ମିଛକୁ ନେଇ ଆୟାଙ୍ଗର ମଧ୍ୟ ନିରାଶ ହୋଇଥିଲେ । ନିଜର ଉତ୍ତମ ନିଷ୍ପତ୍ତି ପରିବର୍ତ୍ତେ ନେହେରୁଙ୍କ ଦୃଷ୍ଟିକୋଣକୁ ପ୍ରାଧାନ୍ୟ ଦେଇ ପଟେଲ ଯେଉଁ ଉଦାରତା ଦେଖାଇଥିଲେ ସେଥିପ୍ରତି ନେହେରୁଙ୍କ ଏହି ମିଛ ଅତି ବିଷମ ପ୍ରତିଦାନ ବୋଲି ଭି. ଶଙ୍କର ତାଙ୍କ ରେକର୍ଡ଼ରେ ଉଲ୍ଲେଖ କରିଛନ୍ତି ।ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୮ରେ ସୁପ୍ରିମକୋର୍ଟ ଧାରା ୩୭୦ ସମ୍ବନ୍ଧରେ କହିଥିଲେ, ବହୁବର୍ଷ ଧରି ପ୍ରଚଳିତ ଥିବା କାରଣରୁ ଏହା ଏକ ସ୍ଥାୟୀ ପ୍ରାବଧାନ ପାଲଟିଛି ଯଦ୍ୱାରା ଏହାକୁ ଉଚ୍ଛେଦ କରିବା ଅସମ୍ଭବ ହୋଇପଡ଼ିଛି । ଅବଶ୍ୟ ଏ ସମ୍ବନ୍ଧୀୟ ଆବେଦନ ଉପରେ ଶୁଣାଣି ନିମନ୍ତେ ଏବେ ସୁପ୍ରିମକୋର୍ଟ ସହମତି ପ୍ରକାଶ କରିଛନ୍ତି । ୨୦୧୮ ସେପ୍ଟେମ୍ବରରେ ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟରେ ଏହି ଆବେଦନ କରିଥିଲେ । ଏଥିରେ ଦର୍ଶାଯାଇଛି ଯେ, ସମ୍ବିଧାନର ଭାଗ ୨୧ରେ ଏହି ଧାରାକୁ ଏକ ଅସ୍ଥାୟୀ ପ୍ରାବଧାନ ଭାବେ ଉଲ୍ଲେଖ କରାଯାଇଛି । ଏଣୁ ଏହା ସ୍ଥାୟୀ ନୁହେଁ । ଧାରା ୩୭୦ ଜାମ୍ମୁ-କାଶ୍ମୀର ସମ୍ବିଧାନ ସଭା ଦ୍ୱାରା ବର୍ଷ ୧୯୫୧ ଓ ୧୯୫୬ ମଧ୍ୟରେ ପ୍ରସ୍ତୁତ କରାଯାଇଛି । ଭାରତରେ ରାଜ୍ୟର ବିଲୟ ପ୍ରକ୍ରିୟା ପୂରଣ ହୋଇ ସାରିଥିବା ଦର୍ଶାଇ ୧୯୫୭ ଜାନୁୟାରୀରେ ଏହି ସଭା ଭାଙ୍ଗି ଦିଆଯାଇଥିଲା । ଏଥି ସହିତ ଧାରା ୩୭୦ ମଧ୍ୟ ସମାପ୍ତ ହୋଇଯିବା ଉଚିତ ।ଅନୁଚ୍ଛେଦ-୧୫ଏ : ଭାରତୀୟ ସମ୍ବିଧାନ ଧାରା ୩୭୦ର ଏକ ଅଂଶ ହେଉଛି ଅନୁଚ୍ଛେଦ ୩୫(ଏ) । ୧୯୫୪ ମେ ୧୪ ଭାରତର ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ସ୍ୱୀକୃତି କ୍ରମେ ସମ୍ବିଧାନରେ ଅନୁଚ୍ଛେଦ ୩୫(ଏ) ସାମିଲ କରାଯାଇଥିଲା । ଏହି ଅନୁଚ୍ଛେଦ ୩୫(ଏ) ଜାମ୍ମୁ-କାଶ୍ମୀରର ବିଧାନସଭାକୁ ରାଜ୍ୟର ସ୍ଥାୟୀ ନାଗରିକର ସଂଜ୍ଞା ନିର୍ଣ୍ଣୟ କରିବାର ଅଧିକାର ପ୍ରଦାନ କରିଛି । ଅର୍ଥାତ ସ୍ୱାଧୀନତା ସମୟରେ ଅନ୍ୟ ସ୍ଥାନରୁ ଆସିଥିବା ଶରଣାର୍ଥୀ ଅଥବା ଭାରତର ନାଗରିକଙ୍କୁ ଜାମ୍ମୁ-କାଶ୍ମୀରର ନାଗରିକତ୍ୱ ପ୍ରଦାନ କରିବେ କି ନାହିଁ ତାହା ସେଠାକାର ବିଧାନସଭା ନିର୍ଣ୍ଣୟ କରିବ । ଜାମ୍ମୁ-କାଶ୍ମୀରର ସମ୍ବିଧାନ ୧୯୫୬ରେ ପ୍ରସ୍ତୁତ କରାଯାଇଥିଲା । ଏଥିରେ ସ୍ଥାୟୀ ନାଗରିକର ସଂଜ୍ଞା ନିର୍ଦ୍ଧାରଣ କରାଯାଇଥିଲା । ଏଥି ଅନୁସାରେ ଯେଉଁ ବ୍ୟକ୍ତି ୧୯୫୪ ମାର୍ଚ୍ଚ ୧୪ ସୁଦ୍ଧା ରାଜ୍ୟର ନାଗରିକ ଥିବେ ଅଥବା ତାହାର ୧୦ ବର୍ଷ ପୂର୍ବରୁ ରାଜ୍ୟରେ ବସବାସ କରୁଥିବେ ଏବଂ ସେଠାରେ ସମ୍ପତ୍ତି କରିଥିବେ, ସେମାନେ ରାଜ୍ୟର ନାଗରିକ ହୋଇପାରିବେ । ଅନୁଚ୍ଛେଦ ୩୫(ଏ) ଧାରା ଭାରତୀୟ ସମ୍ବିଧାନର ୩୭୦ର ଏକ ଅଂଶ ହୋଇଥିବାରୁ ଏହି ଧାରା ଅନୁସାରେ ଅନ୍ୟ ରାଜ୍ୟର କୌଣସି ଲୋକ ଜାମ୍ମୁ-କାଶ୍ମୀରରେ ଜମି କ୍ରୟ କରିପାରିବେ ନାହିଁ କିମ୍ବା ସେଠାକାର ସ୍ଥାୟୀ ବାସିନ୍ଦା ଭାବେ ରହିପାରିବେ ନାହିଁ । ଯଦି ରାଜ୍ୟର କୌଣସି ଯୁବତୀ ରାଜ୍ୟ ବାହାରର କୌଣସି ଯୁବକଙ୍କୁ ବିବାହ କରନ୍ତି, ତା'ହେଲେ ତାଙ୍କର ନାଗରିକ ଅଧିକାର ଶେଷ ହୋଇଯିବ । ଏପରିକି ସେମାନଙ୍କ ସନ୍ତାନ ମଧ୍ୟ ଅଧିକାର ହରାଇବେ । ସାଧାରଣତଃ କୌଣସି ଆଇନ ଆଣିବା ଲାଗି ସର୍ବପ୍ରଥମେ ସଂସଦରେ ବିଧେୟକ ଅଣାଯାଏ । ସଂସଦର ଉଭୟ ସଦନରେ ତାହା ପାରିତ ହେବା ପରେ ରାଷ୍ଟ୍ରପତି ସ୍ୱିକୃତି ପାଇଁ ତାହାକୁ ପଠାଯାଏ । ରାଷ୍ଟ୍ରପତି ମୋହର ମାରିବା ପରେ ବିଧେୟକ ଆଇନରେ ପରିଣତ ହୁଏ । କିନ୍ତୁ ସମ୍ବିଧାନରେ ଅନୁଚ୍ଛେଦ ୩୫(ଏ) ସାମିଲ କରିବା ନେଇ ସେଭଳି କୌଣସି ପ୍ରକ୍ରିୟା ଅବଲମ୍ବନ କରାଯାଇ ନଥିଲା । ଅନ୍ୟପଟେ ବିଭାଜନ ସମୟରେ ପାକିସ୍ତାନରୁ ବହୁ ସଂଖ୍ୟକ ହିନ୍ଦୁ ଭାରତ ଚାଲି ଆସିଥିଲେ । ସେମାନଙ୍କ ମଧ୍ୟରୁ ଲକ୍ଷାଧିକ ଶରଣାର୍ଥୀ ଜାମ୍ମୁ-କାଶ୍ମୀରରେ ରହି ଯାଇଥିଲେ । ମାତ୍ର ସରକାର ଅନୁଚ୍ଛେଦ ୩୫(ଏ) କାର୍ଯ୍ୟକାରୀ କରିବା ଦ୍ୱାରା ଏହି ଶରଣାର୍ଥୀମାନେ ରାଜ୍ୟର ସ୍ଥାୟୀ ନିବାସୀ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇଥିଲେ । ଏମାନଙ୍କ ମଧ୍ୟରୁ ୮୦% ପଛୁଆବର୍ଗ ତଥା ଦଳିତ ହିନ୍ଦୁ ଅଟନ୍ତି । ଏଥିସହ ଅନୁଚ୍ଛେଦ ୩୫(ଏ) ବିବାହ ପରେ ଜାମ୍ମୁ-କାଶ୍ମୀରରେ ବାସ କରୁଥିବା ମହିଳା ତଥା ଦେଶର ଅନ୍ୟ ନାଗରିକମାନଙ୍କ ପ୍ରତି ଭେଦଭାବ କରୁଥିବା ଅଭିଯୋଗ ହେଉଛି ।ଏ ସବୁକୁ ବିଚାର କଲେ ଦେଶର ସାମ୍ପ୍ରତିକ ପରିସ୍ଥିତି ଦୃଷ୍ଟିକୋଣରୁ ୩୭୦ ଧାରା ଉଚ୍ଛେଦ ହେବା ଜରୁରୀ ହୋଇପଡ଼ିଛି । ଦେଶର ଏକତା, ଅଖଣ୍ଡତା, ସଂହତି ଏବଂ ଜାମ୍ମୁ-କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା, ଗଣତନ୍ତ୍ର ପ୍ରତିଷ୍ଠା ଓ ସାମୂହିକ ବିକାଶ ପାଇଁ ଫାରୁକ ଅବଦୁଲ୍ଲା ଏବଂ ମେହବୁବା ମୁଫ୍‌ତି ଆନ୍ତରିକତାର ସହିତ ହୃଦୟଙ୍ଗମ କରିବା ନିତାନ୍ତ ଆବଶ୍ୟକ । ନଚେତ ଦେଶବାସୀଙ୍କ ପାଖରେ ଘୃଣାର ପରିଚୟ ସୃଷ୍ଟି କରିବା ସହିତ ଦେଶଦ୍ରୋହୀର ଆଖ୍ୟା ପାଇବା ପାଇଁ ସେ ଉପଯୁକ୍ତ ନୁହଁନ୍ତି କି ? ସେମାନଙ୍କ ଆଚରଣ ଓ ଉଚ୍ଚାରଣରୁ ଜଣାପଡୁଛି ପାକିସ୍ତାନ ସେମାନଙ୍କର ପ୍ରଥମ ଘର ହୋଇଥିବା ବେଳେ କାଶ୍ମୀର ହେଉଛି ଦ୍ୱିତୀୟ ଘର । ତେଣୁ ବିଚ୍ଛିନ୍ନତାବାଦୀର ପରିଚୟ ନଦେଇ ଦେଶପ୍ରେମରେ ଅଗ୍ରସର ହୁଅନ୍ତୁ । ନଚେତ ଭବିଷ୍ୟତରେ କାଶ୍ମୀରବାସୀ ଅଲଗା କରି ଦରକାର ପଡ଼ିଲେ ପାକିସ୍ତାନକୁ ବିଦାୟ କରିଦେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ
ଜିଲ୍ଲାପାଳ ରୋଡ଼ ଭଦ୍ରକ
ମୋ : ୯୪୩୮୪୪୬୫୭୫




# କୋଭିଡ ଦ୍ୱିତୀୟ ଲହରର ପ୍ରଥମ ସଟଡାଉନରେ କେନ୍ଦ୍ରାପଡା ସହର ଜନଶୂନ୍ୟ

କେନ୍ଦ୍ରାପଡ଼ା (ପିଏନ୍): କୋଭିଡ - ୧୯ର ଦ୍ୱିତୀୟ ଲହରର ପ୍ରଥମ ସଟଡାଉନ ଘୋଷଣା ପରେ ଶନିବାର କେନ୍ଦ୍ରାପଡା ସହର ଜନଶୁନ୍ୟ ହୋଇପଡିଥିବା ଦେଖିବାକୁ



ମିଳିଛି । କରୋନା ସଂକ୍ରମଣର ଦ୍ୱିତୀୟ ଲହରକୁ ନେଇ ରାଜ୍ୟ ସରକାରଙ୍କ ଘୋଷଣା ଓ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମା ଜାରି ପରେ ଜନସାଧାରଣ ସଚେତନ ହୋଇପଡିଥିବା ଯୋଗୁଁ ନିହାତି ଜରୁରୀ ଆବଶ୍ୟକତା ନଥିଲେ ଘରୁ ପଦାକୁ ବାହାରିବାକୁ ଉଚିତ ମଣିନଥିବା ଦେଖାଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଚ୍ଛାପୁର, କେଶପୁର ବଜାର, ସାନ୍ତସାହି, ମଢିଆଳ, ପୁରୁଣାବସଷ୍ଟାଣ୍ଡ, ବଡହାଟ, କାକଟ, ଗଣାମାହାଲ, ନୂଆବସଷ୍ଟାଣ୍ଡ, ବଣିଆମାଳ, ମହିପାଳ, କଜଳା, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ରାସ୍ତା ଗୁଡିକ ଶୁନଶାନ ଥିବା ଦେଖିବାକୁ ମିଳିଛି । ଏସବୁ ସ୍ଥାନ ଗୁଡିକରେ ବିଶେଷ ଭାବରେ ପୋଲିସ ବ୍ୟବସ୍ଥା ନଥାଇ ମଧ ଲୋକମାନେ ରାସ୍ତା ଉପରକୁ ଆସିନଥିବା ଦେଖାଯାଇଥିଲା । କୋଭିଡ ସଂକ୍ରମଣର ଭୟାବହତା ସମ୍ପର୍କରେ



ସାଧାରଣ ଲୋକ ପ୍ରାୟ ସଚେତନ ଥିଲା ପରି ଜଣାପଡୁଥିଲା । ଫଳରେ ପୋଲିସ ରାସ୍ତାରେ ନଥିଲେ ମଧ ଲୋକମାନେ ଘରୁ ବାହାରୁ ନଥିବା ଦେଖିବାକୁ ମିଳିଥିଲା । ଲୋକମାନେ ଏଭଳି ଭାବରେ ନିଜେ ସଚେତନ ହୋଇ କୋଭିଡ ନିୟମକୁ ଅନୁପାଳନ ପୂର୍ବକ ସାମାଜିକ ଦୂରତା ରକ୍ଷା, ହାତ ସାନିଟାଇଜ କରିବା ଓ ମାସ୍କ ପରିଧାନ ଦ୍ୱାରା ସହଜରେ କରୋନା ଭଳି ମହାମାରୀର ସଂକ୍ରମଣକୁ ହ୍ରାସ କରାଯାଇପାରିବ ବୋଲି ଉପଜିଲ୍ଲାପାଳ ନିରଞ୍ଜନ ବେହେରା କହିଛନ୍ତି । ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଅମାନିଆଙ୍କୁ କରୋନା ସଂକ୍ରଣ ସମ୍ପର୍କରେ ସଚେତନ କରୁଥିବା ଦେଖିବାକୁ ମିଳିଥିଲା । କୋଭିଡ - ୧୯ର ଦ୍ୱିତୀୟ ଲହରର ସଟଡାଉନ ଘୋଷଣା ପରେ ରବିବାର କେନ୍ଦ୍ରାପଡା ସହର ପ୍ରଥମ ଦିନ ଭଳି ଜନଶୁନ୍ୟ ହୋଇପଡିଥିବା ଦେଖିବାକୁ ମିଳିଛି । କରୋନା ସଂକ୍ରମଣର ଦ୍ୱିତୀୟ ଲହର ସଟଡାଉନର ଦ୍ୱିତୀୟ ଦିନରେ ଜନସାଧାରଣ ସଚେତନ ହୋଇପଡିଥିବା ଯୋଗୁଁ ନିହାତି ଜରୁରୀ ଆବଶ୍ୟକତା ନଥିଲେ ଘରୁ ପଦାକୁ ବାହାରୁ ନଥିବା ଦେଖାଯାଇଛି । କେତେକ ସ୍ଥାନରେ କିଛି ଆମାନିଆ ରାସ୍ତା ଉପରକୁ ଆସିଥିବା ବେଳେ ପୋଲିସର କଡା ପ୍ରହରା ସେମାନଙ୍କୁ ଫେରି ଯିବାକୁ ବାଧ କରିଥିଲା । କେନ୍ଦ୍ରାପଡା ପୌରାଞ୍ଚଳର ଇଚ୍ଛାପୁର, କେଶପୁର ବଜାର, ସାନ୍ତସାହି, ମଢିଆଳ, ପୁରୁଣାବସଷ୍ଟାଣ୍ଡ, ବଡହାଟ, କାକଟ, ଗଣାମାହାଲ, ନୂଆବସଷ୍ଟାଣ୍ଡ, ବଣିଆମାଳ, ମହିପାଳ, କଜଳା, ତିନିମୁହାଣିଛକ ପ୍ରଭୃତି ସ୍ଥାନରେ ରାସ୍ତା ଗୁଡିକ ଶୁନଶାନ ରହିଥିବା ଦେଖିବାକୁ ମିଳିଛି । କାଁ ଭାଁ କିଛି ଅମାନିଆମାନେ ରାସ୍ତା ଉପରକୁ ଆସିଯାଇଥିବା ବେଳେ ପୋଲିସ ସେମାନଙ୍କୁ ଘଉଡାଇ ଦେଇଥିବାର ଦେଖିବାକୁ ମିଳିଛି । କେତେକ ସରକାରୀ କର୍ମଚାରୀ ଏବଂ ଅନ୍ୟ କିଛି ଜରୁରୀ କାର୍ଯ୍ୟରେ ଯାଉଥିବା ବେଳେ ପୋଲିସକୁ ପରିଚୟ ପତ୍ର ଓ ପ୍ରମାଣ ଦେଖାଇ ଯାଉଥିବାର ଦେଖିବାକୁ ମିଳିଥିଲା। କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ସବଇନସପେକ୍ଟର ସୌମ୍ୟରଞ୍ଜନ ଜାଲ, ପୁରୁଣା ବସଷ୍ଟାଣ୍ଡ ଫାଣ୍ଡିର ହାବିଲଦାର ନରେନ୍ଦ୍ର ନାଥ ସୋରେନ ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରିବା ସହ ଲୋକମାନଙ୍କୁ କରୋନା ସଂକ୍ରଣ ସମ୍ପର୍କରେ ସଚେତନ କରାଇବା ସହ ଅମାନିଆଙ୍କୁ ଘଉଡାଇଦେଇଥିବାର ଦେଖିବାକୁ ମିଳିଥିଲା ।

## କରୋନା ବିରୋଧରେ ଲଢିବା ପାଇଁ ପାରସ୍ପରିକ ବିଶ୍ୱାସ ଆବଶ୍ୟକ



ଭୁବନେଶ୍ୱର (ପିଏନ୍): କୋଭିଡ ମହାମାରୀର ସଂକ୍ରମଣ ପୁଣି ଥରେ ଭୟାନକର ଆହ୍ୱାନ ରୂପେ ଦେଶ ସମ୍ମୁଖରେ ଠିଆ ହୋଇଛି । ମହାମାରୀର ସଂକ୍ରମଣ ଏବଂ ଗମ୍ଭୀରତା ପୂର୍ବ ଅପେକ୍ଷା ଏଥର ଅଧିକ ଗୁରୁତ୍ୱର ଅଟେ । ଆଜି ଦେଶର ଅଧିକାଂଶ ଅଂଚଳ ଏହାର ନିର୍ଦ୍ଦୟ ମାଡର ସମ୍ମୁଖୀନ ହେଉଛନ୍ତି । ବହୁ ସଂଖ୍ୟାର ଲୋକ ସଂକ୍ରମିତ ହୋଇ ଡାକ୍ତରଖାନାରେ ଭର୍ତି ହେଉଛନ୍ତି । ଶହଶହ ପରିବାର ମଧ ନିଜର ପ୍ରିୟଜନଙ୍କୁ ହରାଉଛନ୍ତି । ଏହି ବିପର୍ଯ୍ୟୟରେ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ ସମସ୍ତ ଦେଶବାସୀଙ୍କୁ ସମବେଦନା ଜ୍ଞାପନ କରୁଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ଶ୍ରୀ ଦତାତ୍ରେୟ ହୋସବ୍ୱାଲେ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରି କହିଛନ୍ତି ଯେ, ପରିସ୍ଥିତି ଭୟଙ୍କର, କିନ୍ତୁ ସମାଜର ଶକ୍ତି କମିଯାଇନାହିଁ । ଚରମ ସଂକଟ ସହ ମୁକାବିଲା କରିବାର ଆମର କ୍ଷମତା ଜଣାଶୁଣା । ଆମେ ବିଶ୍ୱାସ କରୁ ଯେ ଧୈର୍ଯ୍ୟ ଏବଂ ମନୋବଳ ବଜାୟ ରଖି ଆମେ ନିଜେ ଅନୁଶାସନ ଏବଂ ପରସ୍ପର ସହଯୋଗ ଦ୍ୱାରା ନିଶ୍ଚିତ ଭାବରେ ଏହି ଭୟଙ୍କର ପରିସ୍ଥିତିରେ ବିଜୟୀ ହେବୁ । ମହାମାରୀର ହଠାତ୍ ବିକାଟାଳ ରୂପ ଧାରଣ କରିବାରୁ ଶଯ୍ୟା, ଅମ୍ଳଜାନ ଏବଂ ଔଷଧ ଭଳି ଆବଶ୍ୟକୀୟ ସମ୍ବଳ ଅଭାବରୁ ଡାକ୍ତରଖାନା ଗୁଡିକରେ କଷ୍ଟର ସମ୍ମୁଖୀନ ହେବାକୁ ପଡୁଛି । ଭାରତ ପରି ଏକ ବିଶାଳ ଦେଶରେ ସମସ୍ୟାର ସ୍ୱରୂପ ବିଶାଳ ରୂପ ନେଉଛି । ସମସ୍ୟାର ସମାଧାନ ପାଇଁ କେନ୍ଦ୍ର , ରାଜ୍ୟ ସରକାର, ପ୍ରଶାସନ ଏବଂ ସ୍ଥାନୀୟ ସଂଗଠନ ମାନଙ୍କ ଦ୍ୱାରା ବ୍ୟାପକ ଉଦ୍ୟମ କରାଯାଉଛି । ଚିକିତ୍ସା କ୍ଷେତ୍ରରେ ସମସ୍ତ ଭାଇ,ଭଉଣୀ, ସୁରକ୍ଷା ଏବଂ ସ୍ୱଚ୍ଛତା କର୍ମକର୍ତାମାନେ ନିଜ ଜୀବନକୁ ବାଜି ଲଗାଇ ପୂର୍ବପରି ଦାୟିତ୍ୱ ତୁଲାଉଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନେ ସମାଜର ଆବଶ୍ୟକତା ପୂରଣ କରିବା ପାଇଁ ସାରା ଦେଶରେ ବିଭିନ୍ନ ପ୍ରକାର ସେବା କାର୍ଯ୍ୟରେ ସକ୍ରିୟ ରହିଛନ୍ତି । ଅନେକ ଧାର୍ମିକ,ସାମାଜିକ ଅନୁଷ୍ଠାନ ସହିତ ସାଧାରଣ ସମାଜ ମଧ ନିଜ ପ୍ରେରଣାରେ ଚ୍ୟାଲେଂଜକୁ ଗମ୍ଭୀରତା ସହ ନେଇ ସମସ୍ତ ପ୍ରକାର ପ୍ରୟାସରେ ନିୟୋଜିତ ଅଛନ୍ତି । ଏହା ମଧ ସମ୍ଭବ ଯେ ସମାଜ ବିରୋଧୀ ତଥା ଭାରତ ବିରୋଧୀ ଶକ୍ତି ଏହି ଗରୁତ୍ୱର ପରିସ୍ଥିତିର ସୁଯୋଗ ନେଇ ଦେଶରେ ନକରାତ୍ମକତା ଏବଂ ଅବିଶ୍ୱାସର ବାତାବରଣ ସୃଷ୍ଟି କରି ପାରନ୍ତି । ଦେଶବାସୀଙ୍କୁ ମଧ ସେମାନଙ୍କର ସକରାତ୍ମକ ପ୍ରୟାସ ସହିତ ଏହି ଶକ୍ତିର ଷଡଯନ୍ତ୍ର ବିଷୟରେ ସଚେତନ ହେବାକୁ ପଡିବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକମାନଙ୍କ ସହିତ ସମାଜର ସମସ୍ତ ସାମାଜିକ, ଧାର୍ମିକ ସଂଗଠନ, ସେବା ସଂଗଠନ, ଶିଳ୍ପ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଇତ୍ୟାଦି କ୍ଷେତ୍ରର ଭାଇମାନଙ୍କୁ ନମ୍ରତାର ସହ ଅନୁରୋଧ କରେ ଯେ ଏହାର ସମାଧାନ ପାଇଁ ସେବା ଭାବ ସହିତ ଏକତ୍ରିତ ହୋଇ କୌଣସି ପ୍ରକାରରେ ଅଭାବ ଦୂର କରିବା ପାଇଁ ଯଥା ସମ୍ଭବ ଚେଷ୍ଟା କରନ୍ତୁ । ସାମ୍ପ୍ରତିକ ପରିସ୍ଥିତିକୁ ଧ୍ୟାନରେ ରଖି କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ଶ୍ରୀ ହୋସବ୍ୱାଲେ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ, ସ୍ୱାସ୍ଥ୍ୟ ଏବଂ ଅନୁଶାସନ ସମ୍ବନ୍ଧୀୟ ସମସ୍ତ ନିୟମକୁ ପାଳନ କରି ସେବାରେ ନିୟୋଜିତ ଲୋକମାନେ ନିଜେ ନିଜକୁ ସୁରକ୍ଷିତ ରଖନ୍ତୁ । ମାସ୍କ ପିନ୍ଧିବା, ସ୍ୱଚ୍ଛତା, ଶାରୀରିକ ଦୂରତା, ବ୍ୟକ୍ତିଗତ ତଥା ସାର୍ବଜନୀନ କାର୍ଯ୍ୟକ୍ରମରେ ସଂଖ୍ୟା ସୀମା, କର୍ଫ୍ୟୁର ନିୟମ ପାଳନ କରିବା ଏବଂ ଆୟୁର୍ବେଦିକ କାଢା ସେବନ, ବାଷ୍ପ ଗ୍ରହଣ, ଟୀକାକରଣ ପରି ସ୍ୱାସ୍ଥ୍ୟ ବିଷୟଗୁଡିକ ଉପରେ ବ୍ୟାପକ ଜନଜାଗରଣ କରାଯାଉ । ଅତି ଆବଶ୍ୟକ ହେଲେ ଘରୁ ବାହାରକୁ ଯାଆନ୍ତୁ । ସମାଜକୁ ଅନୁରୋଧ କରୁଛି ଯେ, ନିଜେ ସାମୂହିକ ନିଷ୍ପତି ମାଧ୍ୟମରେ ସ୍ଥାନୀୟ ସ୍ତରରେ ଦୈନନ୍ଦିନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରନ୍ତୁ । ସମସ୍ତ ସ୍ତରରେ ଶାସନ, ପ୍ରଶାସନ, ଡାକ୍ତର, ଚିକିତ୍ସା କର୍ମଚାରୀ, ସୁରକ୍ଷା ଏବଂ ସ୍ୱଚ୍ଛତା କର୍ମୀଙ୍କ ସହିତ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ । ଗଣମାଧ୍ୟମ ସହିତ ସମାଜର ସମସ୍ତ ବର୍ଗଙ୍କୁ ଅନୁରୋଧ ଯେ ସମାଜରେ ସକାରାତ୍ମକତା, ଆଶା ଏବଂ ବିଶ୍ୱାସର ବାତାବରଣ ବଜାୟ ରଖିବାରେ ସହଯୋଗ କରିବାକୁ ଅନୁରୋଧ । ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବା ବ୍ୟକ୍ତିମାନେ ବିଶେଷ ସଂଯମତା ଏବଂ ସତର୍କତା ସହିତ ଏକ ସକାରାତ୍ମକ ଭୂମିକା ଗ୍ରହଣ କରିବା ଉଚିତ ।

# ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏକ ୱେବିନାର୍



ଭୁବନେଶ୍ୱର (ପିଏନ୍): ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଆୟୋଜିତ ହୋଇଯାଇଛି "ନବ ଓଡ଼ିଶାର ନିର୍ମାତା-ମଧୁବାବୁ" ଶୀର୍ଷକ ୱେବିନାର୍। ଏହି ୱେବିନାରରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ମାନ୍ୟବର ମନ୍ତ୍ରୀ, ଶକ୍ତି, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ (ରାଷ୍ଟ୍ର) ମନ୍ତ୍ରୀ । ତାଙ୍କ ଅଭିଭାଷଣରେ ସେ, ମଧୁବାବୁଙ୍କର ଶିଳ୍ପ ପ୍ରତି ଆନ୍ତରିକତା ଓ ସମର୍ପଣ ଭାବକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଏଭଳି ୱେବିନାରରେ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିବାରୁ ଖୁସି ଅଭିବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଭିତରେ ଜଣେ ନାୟକ ବା ନାୟିକା ପ୍ରଚ୍ଛନ୍ନ ଭାବରେ ରହିଥାନ୍ତି ଏବଂ ତା'କୁ ଆବିଷ୍କାର କରିବା ହେଉଛି ଆମମାନଙ୍କର ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ । ଗ୍ରାମାଞ୍ଚଳରେ ସୂତାକଟା ଓ ଲୁଗାବୁଣା ଶିଳ୍ପର ବିକାଶ ପାଇଁ ମଧୁବାବୁଙ୍କର ଚେଷ୍ଟା କୁଟୀର ଶିଳ୍ପର ବିକାଶ ଦିଗରେ ସହାୟକ ହୋଇପାରିଥିଲା। ବିଭାଗର ପ୍ରମୁଖ ଶାସନ ସଚିବ ଡ. ବିଷ୍ଣୁପଦ ସେଠୀ ତାଙ୍କ ଅଭିଭାଷଣରେ ମଧୁବାବୁଙ୍କର ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପ୍ରତ୍ୟେକ ଜନସାଧାରଣଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ମଧୁବାବୁଙ୍କ ଆଦର୍ଶରେ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି ଅନୁପ୍ରାଣିତ ହେବା ଉଚିତ୍ ବୋଲି ଆଶାବ୍ୟକ୍ତ କରିଥିଲେ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମଧୁବାବୁ ୧୯୦୫ ମସିହାରେ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା କରିବା ସହିତ ଓଡ଼ିଶାର ଶିଳ୍ପ ଓ ପ୍ରଗତି ପ୍ରତି ଏକ ନୂଆ ରାହା ଦେଖାଇଥିଲେ। ସେ କହିଥିଲେ - ମଧୁବାବୁ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବୀ ବା ସମାଜ ସୁଧାରକ ନଥିଲେ, ଥିଲେ ଭାଷା ସାହିତ୍ୟର ସାଧକ ଓ ଉପାସକ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ଦାଶ ବେନହୁର୍ ମଧୁବାବୁଙ୍କର ଓଡ଼ିଆ ଜାତି ନିର୍ମାଣରେ ଅବଦାନକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ମଧୁବାବୁ ଓଡ଼ିଆ ଜାତିର ମୁକୁଟବିହୀନ ସମ୍ରାଟ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଧୁନିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କର ଅବଦାନ ଅବିସ୍ମରଣୀୟ ଏବଂ ଏହି ମହାସଂଗ୍ରାମର ସେ ହିଁ ସେନାପତି ବୋଲି ସେ ପ୍ରକାଶ କରିଥିଲେ। ନୂଆ ଓଡ଼ିଶାର ନିର୍ମାଣର ନାୟକ ମଧୁବାବୁଙ୍କ ଜୀବନର ଓଡ଼ିଆ ଭାଷାଭାଷୀ ଏକତ୍ରୀକରଣ ସର୍ବଶ୍ରେଷ୍ଠ ଐତିହାସିକ କାର୍ଯ୍ୟ ଏବଂ ଓଡ଼ିଆ ଜାତିକୁ ତାଙ୍କର ଶ୍ରେଷ୍ଠ ଉପହାର ବୋଲି ସେ ମତବ୍ୟକ୍ତ କରିଥିଲେ । ଏତଦ୍‌ବ୍ୟତୀତ ସେ ପଗଡ଼ି ପୁରୁଷଙ୍କ ବହୁ ଅନାଲୋଚିତ ତଥ୍ୟକୁ ମଧ ଏହି ଅବସରରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଏବଂ ସଂଗ୍ରହାଳୟରେ ଗଚ୍ଛିତ ଥିବା ମଧୁବାବୁଙ୍କ ବ୍ୟବହୃତ ସାମଗ୍ରୀ ତାଙ୍କର ପଗଡ଼ି, ଚଷମା, ହାତବାଡ଼ି, ହାତୀଦାନ୍ତର ଟେବୁଲ୍, ମାନପତ୍ର, ପାନଡବା, ବନ୍ଧୁକ, ରୁମାଲ୍, ଚାମଚ ପ୍ରଭୃତି ଭର୍ଚୁଆଲ୍ ୱେବିନାରରେ ପ୍ରଦର୍ଶନ କରିଥିଲେ, ଯାହାକି ଯୋଗଦେଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଥିଲା। ଏତଦ୍‌ବ୍ୟତୀତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା କଟକ ସ୍ଥିତ ମଧୁସ୍ମୃତି ସଂଗ୍ରହାଳୟରେ ପ୍ରଦର୍ଶିତ ହୋଇଥିବା ମଧୁବାବୁଙ୍କର ଖଟ, ଗଦି, ତକିଆ, ପୋଷାକ, ଜୋତା, ଆସବାବପତ୍ର ଓ ବିଭିନ୍ନ ଫଟୋଚିତ୍ରଗୁଡ଼ିକୁ ଓଡ଼ିଶାର ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ଆଖିରେ ଦେଖିଯିବା ପାଇଁ ନିବେଦନ କରିଥିଲେ। ଏହାଦ୍ୱାରା ପିଲାମାନଙ୍କ ମନରେ ମଧୁବାବୁଙ୍କ ପ୍ରତି ସମର୍ପିତ ତଥା ଉତ୍ସର୍ଗୀକୃତ ଭାବନା ଜାଗ୍ରତ ହେବା ସହିତ ଓଡ଼ିଆ ଜାତିପ୍ରୀତି ପାଇଁ ଅଧିକ ଉତ୍ସାହ ଜାଗ୍ରତ ହୋଇ ପାରିବ। ୱେବିନାର୍‌ରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଅନେକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଯାଉଥିବା ଓଡ଼ିଶାର ବରପୁତ୍ର ସମ୍ପର୍କରେ ଧାରାବାହିକ ୱେବିନାର୍‌ର ଏହା ହେଉଛି ପ୍ରଥମ ୱେବିନାର୍, ଯାହା ଥିଲା ଉତ୍କଳଗୌରବ ମଧୁସୂଦନଙ୍କ ପାଇଁ ଉତ୍ସର୍ଗୀକୃତ।

## ଜିଲ୍ଲାର ବିଭିନ୍ନ ଥାନାରେ ଥିବା ପୋଲିସ ସବଇନସପେକ୍ଟରଙ୍କ ବଦଳି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଥାନାରେ ଥିବା ପୋଲିସ ସବଇନସପେକ୍ଟରଙ୍କ ବଦଳି କରିଛନ୍ତି ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର । ଥାନାର ଏସଆଇ ଏସ.ଆର. ପାଣିଗ୍ରାହୀଙ୍କୁ ସଦର ଥାନାର ଚାନ୍ଦୋଳ ଫାଣ୍ଡିକୁ ବଦଳି କରାଯାଇଥିବା ବେଳେ ଚାନ୍ଦୋଳ ଫାଣ୍ଡିରେ ଥିବା ଏସ.ଆଇ. ଶରତ ଚନ୍ଦ୍ର ଦାସଙ୍କୁ ନିକିରେଇ ଥାନାକୁ ବଦଳି କରାଯାଇଛି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଏସ.ଆଇ. ବିଲ୍ୱମଙ୍ଗଳ ସେଠୀଙ୍କୁ ଚଉଦକୁଲାଟ ଫାଣ୍ଡିକୁ ବଦଳି କରାଯାଇଥିବା ବେଳେ ସେହି ଥାନାର ଏସ.ଆଇ. ବିଶ୍ୱଜୀତ ଭୋଇଙ୍କୁ ପାଟକୁରା ଥାନାକୁ ବଦଳି କରାଯାଇଛି । ଟାଉନ ଥାନାର ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ବଦଳି କରାଯାଇଥିବା ବେଳେ ଚଉଦକୁଲାଟ ଫାଣ୍ଡିର ଏସ.ଆଇ. ବିଜୟ କୁମାର ଖଟୁଆଙ୍କୁ ମାର୍ଶାଘାଇ ଥାନାକୁ ବଦଳି କରାଯାଇଛି । ସେହିପରି ପୋଲିସ ମୁଖ୍ୟାଳୟରେ ଥିବା ଏସ.ଆଇ. ରମାକାନ୍ତ ବେହେରାଙ୍କୁ ରାଜକନିକା ଥାନାକୁ ବଦଳି କରାଯାଇଥିବା ବେଳେ ଡେରାବିଶି ଥାନାରେ ଥିବା ଏସ.ଆଇ. ଶ୍ରୀଧର ମାହାଳିକଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ବଦଳି କରାଯାଇଛି ।

## ପିସିସି ପକ୍ଷରୁ କୋଭିଡ୍ କଂଟ୍ରୋଲ ରୁମ୍ ଖୋଲିଲା

ଭୁବନେଶ୍ୱର (ପିଏନ୍)- କରୋନା ମହାମାରୀ ବର୍ତମାନ ଓଡିଶାରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏଥିରେ ସାଧାରଣ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ନିଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୋଭିଡ୍ କଂଟ୍ରୋଲ ରୁମ୍ ଖୋଲାଯାଇଛି। ଏହି ଅବସରରେ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ୫ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟି କଂଟ୍ରୋଲ ରୁମ୍ ଦାୟିତ୍ୱରେ ରହି ସୂଚାରୁ ରୂପେ କାର୍ଯ୍ୟ ସମାପନ କରିବେ ବୋଲି ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିରେ ପଦ୍ମାକର ଗୁରୁ (ମୋ - ୬୩୭୦୯୬୫୯୭୮) ସଂଯୋଜକ ଥିବାବେଳେ ସୁବ୍ରତ ମହାପାତ୍ର (ମୋ - ୯୧୩୨୭୮୫୬୨୪), ଲିଙ୍ଗରାଜ ସାହୁ (ମୋ-୯୨୩୭୦୧୦୯୩୯), ପ୍ରମୋଦ କୁମାର ସାହୁ (ମୋ-୭୦୦୮୭୮୮୬୭୭) ଓ ତରୁଣକାନ୍ତ ମିଶ୍ର (ମୋ- ୯୪୩୭୧୯୨୧୬୧) ପ୍ରମୁଖ ସଭ୍ୟ ଭାବେ ରହିଛନ୍ତି। ଏହି କଂଟ୍ରୋଲ ରୁମ ସକାଳ ୯ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ପିସିସି କାର୍ଯ୍ୟାଳୟ ପକ୍ଷରୁ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଜଣାଇଛନ୍ତି।

## ସ୍କୁଟି ଚଳାଇବା ବେଳେ ମୋବାଇଲ ଫୋନରେ କଥା ହେଉଥିବାରୁ ଜୋରିମନା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରୁ ସାନ୍ତସାହି ରାସ୍ତାରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଦୁର୍ଯ୍ୟୋଧନ ସାହୁ ବଳଗଣ୍ଡି ନିକଟରେ ସ୍କୁଟି ଚଳାଇ ଯାଉଥିବା ସମୟରେ ମୋବାଇଲ ଫୋନରେ କଥା ହେଉଥିବା ସେହି ରାସ୍ତାରେ ଯାଉଥିବା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଦେଖିବାକୁ ପାଇଥିଲେ । ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ସାହୁଙ୍କୁ ଆଇନ ଉଲ୍ଲଙ୍ଘନ ନିମନ୍ତେ ୫ହଜାର ଟଙ୍କା ଜୋରିମାନା କରାଯାଇଥିଲା । କିନ୍ତୁ ଜୋରିମାନା ନଦେବାରୁ ସେ ଚଳାଉଥିବା ସ୍କୁଟିକୁ ଟାଉନ ଥାନାକୁ ପୋଲିସ ନେଇଯାଇଥିଲା । ଏହାପରେ ଶ୍ରୀ ସାହୁ ଥାନାକୁ ଯାଇ ସେଠାରେ କିଛି ଘଂଟା ବସିବା ପରେ ଘରକୁ ଫେରି ଆସିଥିବା ବେଳେ ଜୋରିମାନା ଦେଇନଥିବାରୁ ସ୍କୁଟିଟି ଥାନାରେ ରଖାଯାଇଥିବା ସୂଚନା ମିଳିଛି ।

## ଛତା କୋଭିଡ ହସପିଟାଲ କାର୍ଯ୍ୟକ୍ଷମ ହେଲା

କେନ୍ଦ୍ରାପଡ଼ା (ପିଏନ୍): ଭୁବନେଶ୍ୱର ସମ ହସପିଟାଲ ଦ୍ୱାରା ପରିଚାଳିତ ଛତା କୋଭିଡ ହସପିଟାଲ କାର୍ଯ୍ୟକ୍ଷମ ହୋଇଥିବା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଟୁଇଟ କରି ସୂଚନା ଦେଇଛନ୍ତି। ଏଥିସହିତ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାରେ ଏକ ଜିଲ୍ଲାସ୍ତରୀୟ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରିବ ବୋଲି ଜିଲ୍ଲାପାଳ କହିଛନ୍ତି । ୫୦ଟି ଅମ୍ଳଜାନ ସିଲିଣ୍ଡର ଏଥିନିମନ୍ତେ ଗଚ୍ଛିତ କରି ରଖାଯାଇଥିବା ସେ କହିଛନ୍ତି। ଜିଲ୍ଲାର ସମସ୍ତ ନାଗରିକମାନଙ୍କୁ କୋଭିଡ ନିୟମ ପାଳନ କରିବାକୁ ଏହି ଅବସରରେ ଜିଲ୍ଲାପାଳ ନିବେଦନ କରିଛନ୍ତି।

## ଆକସ୍ମିକ ଅଗ୍ନିକାଣ୍ଡରେ ୪ବଖରା ଘର ଭସ୍ମୀଭୂତ

କେନ୍ଦ୍ରାପଡ଼ା (ପିଏନ୍): ଆକସ୍ମିକ ଅଗ୍ନିକାଣ୍ଡରେ ୪ବଖରା ଘର ପୋଡି ପାଉଁଶ ହୋଇଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଜୟୀପୁରା ଗ୍ରାମର ସେକ ବସିରଙ୍କ ପୁଅ ସେକ ବଦିରଙ୍କ ୪ବଖରା ଘର ବିଦ୍ୟୁତ ସଟସର୍କିଟରୁ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ କେନ୍ଦ୍ରାପଡା ଅଗ୍ନିଶମ ବିଭାଗ ଗାଡି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲା । ସେହି ୪ବଖରା ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି ।

## ସୁଧ ଟଙ୍କା ନଦେବାରୁ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): ଧାର ନେଇଥିବା ଅର୍ଥର ସୁଧ ବାବଦ ଟଙ୍କା ଦେଇନଥିବା ଯୋଗୁଁ ଏକ ଅନୁସୂଚିତ ଜାତି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଚକ୍ରୋଡା ଗ୍ରାମପଞ୍ଚାୟତର କନ୍ତିଆ ଗ୍ରାମର କ୍ଷୀରୋଦ ସେଠୀଙ୍କ ପତ୍ନୀ ଗାୟତ୍ରୀ ସେଠୀ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ସେ ସେହି ଗ୍ରାମର ପଙ୍କଜ ଜେନାଙ୍କଠାରୁ ପ୍ରାୟ ୧୨ହଜାର ଟଙ୍କା ସୁଧରେ ଉଦ୍ଧାର ଆଣିଥିଲେ । କିନ୍ତୁ ମୂଳ ଟଙ୍କା ଶୁଝି ଦେଇଥିବା ବେଳେ ସୁଧ ଅର୍ଥରୁ କିଛି ରହିଯାଇଥିଲା। ସେଥିପାଇଁ ସେହି ଗ୍ରାମର ଟୁକୁନା ଓ କୁଜି ହଠାତ ତାଙ୍କ ଘରେ ପହଞ୍ଚି ସେହି ସୁଧ ଟଙ୍କା ନିମନ୍ତେ ଗାୟତ୍ରୀ ଓ ତାଙ୍କ ସ୍ୱାମୀ କ୍ଷୀରୋଦଙ୍କୁ ଭୂଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଗାୟତ୍ରୀଙ୍କ ଅଭିଯୋଗ ଉପରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ସଦର ଥାନା ଇନସପେକ୍ଟର ପ୍ରମୋଦ କୁମାର ମଲ୍ଲିକଙ୍କଠାରୁ ସୂଚନା ମିଳିଛି ।

## ଶିଶୁ କଣ୍ଠଶିଳ୍ପୀ ମାଷ୍ଟର ଦେବେଶ୍ୱରଙ୍କୁ ଜନ୍ମଦିନର ଶୁଭେଚ୍ଛା

ଯାଜପୁର (ପିଏନ୍): ରାମନବମୀ ଦିନ ଓଡ଼ିଶାର ସୁନାମଧନ୍ୟ ଶିଶୁ କଣ୍ଠ ଶିଳ୍ପୀ ମାଷ୍ଟର ଦେବେଶ୍ୱରଙ୍କ ଜନ୍ମଦିନ ଥିବାରୁ ବହୁ ଅନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟ ସହ ଥିଏଟର ଗ୍ରୁପ୍‌ର ସଭାପତି ବୃନ୍ଦାବନ ମିଶ୍ର ଓ ସଂସ୍କୃତି ସମ୍ବାଦିକ ସଂଗଠନ ପକ୍ଷରୁ ମାଷ୍ଟର ଦେବେଶ୍ୱରଙ୍କୁ ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ମା' ବିରଜା ତାଙ୍କୁ ଦୀର୍ଘାୟୁ କରିବା ସହିତ ଆଗକୁ ଯାଜପୁର ଜିଲ୍ଲା ତଥା ବିରଜା ମାଟିର ସୁନାମ ଅର୍ଜନ କରନ୍ତୁ ବୋଲି ଆଶାପୋଷଣ କରିଛନ୍ତି। ଦେବେଶ୍ୱର ବର୍ତ୍ତମାନ ଡି.ଏ.ଭି. ସ୍କୁଲରେ ଦଶମ ଶ୍ରେଣୀର ଛାତ୍ର। କରୋନା କଟକଣାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଘରେ ଗୀତ ଅଭ୍ୟାସ ଜାରି ରଖିଛନ୍ତି।

## ତିନି ଦିବସୀୟ ଯୁବ ରେଡକ୍ରସ୍ କାଉନସେଲର ମାନଙ୍କ ରିଫ୍ରେସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର: ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖ ପକ୍ଷରୁ ଆୟୋଜିତ ତିନି ଦିବସୀୟ ଯୁବ ରେଡକ୍ରସ୍ ପରାମର୍ଶ ଦାତା ମାନଙ୍କ ପୁନଃପ୍ରଶିକ୍ଷଣ (ରିଫ୍ରେସର) କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଅଛି । ଏହି ତାଲିମ କାର୍ଯ୍ୟକ୍ରମର ମାଧ୍ୟମରେ ଯୁବ ରେଡକ୍ରସ୍‌ର ପ୍ରମୁଖ କାର୍ଯ୍ୟକ୍ରମ ଗୁଡିକୁ ବଳବତର ଓ କାର୍ଯ୍ୟକ୍ଷମ କରିବା ସହିତ ତାଲିମପ୍ରାପ୍ତ ଯୁବ ରେଡ଼କ୍ରସ କାଉନସେଲର ମାନେ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀ ମାନଙ୍କୁ ଉପଯୁକ୍ତ ଦିଗଦର୍ଶନ ଦେଇପାରିବେ । ତତ୍‌ସହିତ ସେମାନଙ୍କର ସାମାଜିକ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଦିଗରେ ସହାୟକ ହୋଇପାରିବେ। ଉକ୍ତ ପ୍ରଶିକ୍ଷଣଶିବିରର ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ରେଡକ୍ରସ୍, ଓଡିଶା ଶାଖାର କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ରେଡ଼କ୍ରସ୍‌ର ଇତିହାସ, ମୌଳିକ ନୀତି, ରେଡ଼କ୍ରସ୍‌ର ଚିହ୍ନ ଏବଂ ଏହାର ବ୍ୟବହାର, ଏଡ଼ସ୍ ସଚେତନତା ଓ ରେଡ ରିବନ କ୍ଲବର କାର୍ଯ୍ୟକ୍ରମ, ବିପର୍ଯ୍ୟୟ ପରିଚାଳନାରେ ମନୋସ୍ତାତ୍ୱିକ ଯତ୍ନ, ସ୍ୱେଚ୍ଛାକୃତ ରକ୍ତଦାନ, ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା ଆଦି ବିଷୟରେ ବିଭିନ୍ନ ଦକ୍ଷ ବ୍ୟକ୍ତିମାନେ ଆସି ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ନୋଡାଲ ଅଫିସର ତଥା ଉପସଚିବ ଡ. ରମେଶ ଚନ୍ଦ୍ର ବେହେରା, ଯୋଗ ଦେଇ ନିଜର ଉତ୍ସାହ ଜନକ ଶବ୍ଦରେ ସମର୍ପିତ ଶିକ୍ଷକମାନଙ୍କୁ ଉପଯୁକ୍ତ ସେବକ ଭାବରେ ଅଭିହିତ କରିଥିଲେ । ଯୁବ ରେଡର୍କସ କାର୍ଯଧାରା ମାଧ୍ୟମରେ ପରାମର୍ଶଦାତାମାନେ ଯୁବଗୋଷ୍ଠିଙ୍କ ବ୍ୟକ୍ତିତ୍ୱ ନିର୍ମାଣ ସହିତ ରାଷ୍ଟ୍ର ପ୍ରଗତିରେ ସହାୟକ ହେବା ନିମନ୍ତେ ଆହ୍ୱାନ ଦେବା ସହିତ ସେମାନଙ୍କୁ ରାଷ୍ଟ୍ରଗଠନର ଆଧାର ଭାବରେ ଅଭିହିତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କାଉନସେଲର ଦିଲ୍ଲିପ କୁମାର ଭୋଇ, ଓ ସସ୍ମିତା ପଟ୍ଟନାୟକ ନିଜସ୍ୱ ଅନୁଭୂତି ପ୍ରଦାନ କରିଥିଲେ ଏବଂ ଅତିଥି ମାନଙ୍କ ଦ୍ୱାରା କାଉନସେଲର ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଗଜପତି ଜିଲ୍ଲାବାସୀଙ୍କ ଠାରେ ସର୍ବାଧିକ ୬୫% ଆଂଟିବଡ଼ି

ଭୁବନେଶ୍ୱର,(ପିଏନ)–ସେରୋ ସର୍ଭେରୁ ମିଳିଥିବାତଥ୍ୟ ଅନୁଯାୟୀ ଗଜପତି ଜିଲ୍ଲାରେ ସର୍ବାଧିକ ୬୫ ପ୍ରତିଶତ ଆଂଟିବଡ଼ି ସୃଷ୍ଟି ହୋଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରଏମ୍ଆରସି ନିର୍ଦ୍ଦେଶିକା ଡ.ସଂଘମିତ୍ରା ପତି ଏହି ସୂଚନା ଦେଇଛନ୍ତି । ଗଜପତି ଜିଲ୍ଲାରେ ସେରୋ ସର୍ଭେ ସମ୍ପର୍କରେ ସେ କହିଛନ୍ତି ଯେ,୧୫ ସେପ୍ଟେମ୍ବରରୁ ୧୮ ସେପ୍ଟେମ୍ବର ପର୍ଯ୍ୟନ୍ତ ଗଜପତି ଜିଲ୍ଲାରେ ଆରଏମ୍ଆରସିର ୫ଟି ଦଳ ପର୍ଯ୍ୟାୟ କ୍ରମେ ସେରୋ ନମୁନା ସଂଗ୍ରହ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଗୋଷ୍ଠୀରୁ ୯୮୪ ଏବଂ ଅତି ସମ୍ବେଦନଶୀଳ ଲୋକଙ୍କ ମଧ୍ୟରୁ ୫୩୧ ଜଣ ଏହିପରି ସମୁଦାୟ ୧୫୧୫ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିଲା । ଏହି ନମୁନା ପରୀକ୍ଷଣରୁ ଜଣାପଡ଼ିଛି ଯେ ଗଜପତି ଜିଲ୍ଲାରେ ୬୪.୬୭ ପ୍ରତିଶତ ବା ଦୁଇ-ତୃତୀୟାଂଶ ଲୋକଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି । କୋଭିଡ୍ ଯୋଦ୍ଧାମାନଙ୍କ ମଧ୍ୟରେ ୫୪ ପ୍ରତିଶତ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ମଧ୍ୟରେ ୫୦ ପ୍ରତିଶତଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥିବାର ଜଣାପଡ଼ିଛି । ଆଜି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କରାଯାଇଥିବା ସେରୋ ସର୍ଭେ ମଧ୍ୟରେ ଏହି ଫଳାଫଳ ସର୍ବାଧିକ ।୯୫ ପ୍ରତିଶତ ଲୋକଙ୍କ ମଧ୍ୟରେ କୌଣସି ଲକ୍ଷଣ ନଥିଲା । ପ୍ରଥମ ଥର ପାଇଁ ମା' ଓ ଭଉଣୀମାନଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଆଶାତୀତ ଭାବରେ ବୃଦ୍ଧି ପାଇଥିବାର ଜଣାପଡ଼ିଛି ।ଅନ୍ୟପକ୍ଷରେ ଅକ୍ଟୋବର ୫ ତାରିଖରୁ ମାଲକାନଗିରି ଜିଲ୍ଲାରେ ଏପରି ସେରୋ ସର୍ଭେ କାର୍ଯ୍ୟ ଆରମ୍ଭ ହେବ । ପରେ ଭୁବନେଶ୍ୱରରେ ତୃତୀୟ ପର୍ଯ୍ୟାୟରେ ଏବଂ କଟକରେ ମଧ୍ୟ ଏହି ସେରୋ ସର୍ଭେ କରାଯିବ ବୋଲି ଡା. ପତି ସୂଚନା ଦେଇଛନ୍ତି ।

## ଆବାସ ତାଲିକାରୁ ନାଁ କଟିବାରୁ ବିଡିଓଙ୍କ ନିକଟରେ ଅଭିଯୋଗ

କେନ୍ଦୁଝର:(ପି.ଏନ୍.):ଘଟଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟା ଗ୍ରାମର ସୁବ୍ରତ ପଲେଇ ଏକ ପଲିଥିନ୍ ଟଙ୍କା କଚ୍ଚା ଘରେ ରହୁଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାରୀ ଆବାସ ପାଇ ନାହାଁନ୍ତି । ସୂଚନାଯୋଗ୍ୟ ଯେ ଗତବର୍ଷ ଆବାସ ତାଲିକାରେ ସୁବ୍ରତଙ୍କ ନାମ ରହିଥିବା ବେଳେ ଏ ବର୍ଷ କୌଣସି ପ୍ରକାର ତାଲିକାରେ ତାଙ୍କର ନାମ ନାହିଁ । ସୁବ୍ରତ ଏବଂ ତାଙ୍କ ପତ୍ନୀ ଘଟଗାଁ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି କି ଏକ ବର୍ଷର ଛୋଟ ଛୁଆକୁ ଧରି ଗୁହାଳ ନିକଟରେ ପଲିଥିନ୍ ଟାଙ୍ଗି ରହିବା ଅତ୍ୟନ୍ତ କଷ୍ଟ ସାଧ୍ୟ ହେଉଛି । ସୁବ୍ରତଙ୍କ କହିବା ଅନୁସାରେ ବର୍ଷା ଦିନରେ ଘର ଭିତରେ ମାଟି ତଳୁ ପାଣି ବାହାରି ଜମୁଥିବାରୁ ଅନେକ ସମୟରେ ଗୃହ ମଧ୍ୟରେ ସାପ ପ୍ରବେଶ କରୁଛନ୍ତି । ତେଣୁ ଉଚିତ୍ ତଦନ୍ତ କରି ତାଙ୍କୁ ଆବାସ ଖଣ୍ଡିଏ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ।

# ପ୍ରଥମ ଥର ଦ୍ୱାଦଶ ବିଜ୍ଞାନ ପରୀକ୍ଷା ଦେଇଥିବା ଶାଳପଡା ଆଦର୍ଶ ବିଦ୍ୟାଳୟ ରାଜ୍ୟସ୍ତରରେ ଓଡିଶା ଆଦର୍ଶ ବିଦ୍ୟାଳୟ ସମୂହରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ

କେନ୍ଦୁଝର:ଆନନ୍ଦପୁର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ୨୦୨୦-୨୧ ଶିକ୍ଷା ବର୍ଷର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ପ୍ରଥମଥର ପାଇଁ ଦ୍ୱାଦଶ ବିଜ୍ଞାନ ପରୀକ୍ଷା ଦେଇଥିବା ଆନନ୍ଦପୁରସ୍ଥିତ ଶାଳପଡା ଆଦର୍ଶ ବିଦ୍ୟାଳୟ ରାଜ୍ୟସ୍ତରରେ ସମସ୍ତ ଆଦର୍ଶ ବିଦ୍ୟାଳୟ ମାନଙ୍କ ମଧ୍ୟରେ ସର୍ବୋତ୍ତମ ପ୍ରଦର୍ଶନ କରିଛି । ଚଳିତ ବର୍ଷ ବିଦ୍ୟାଳୟର ପାସ୍ ହାର ଶତପ୍ରତିଶତ ରହିଥିବା ବେଳେ ୫୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ଜଣ ୯୫% ପ୍ରତିଶତରୁ ଅଧିକ ନମ୍ବର ଏବଂ ୧୦ଜଣ ୯୦% ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ମାହୂହିକ ଭାବେ ବିଦ୍ୟାଳୟର ଛାତ୍ରୀ ମୋନାଲିସା ମହାପାତ୍ର(୯୫.୮%), ଲୁସି ରାଉତରାୟ (୯୫.୮%) ଓ ସୁନନ୍ଦା ସାହୁ (୯୫.୮%) ଏକତ୍ରିତ ଭାବେ ରାଜ୍ୟର ସମସ୍ତ ଆଦର୍ଶ ବିଦ୍ୟାଳୟ ମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛନ୍ତି । ସେହିଭଳି ମୋନାଲିସା ମହାପାତ୍ର ପ୍ରୀତି ପ୍ରିୟଙ୍କା ପୃଷ୍ଟି(୯୩.୬%), ମଧୁସ୍ମିତା ମଣ୍ଡଳ (୯୫%), ସୁନିତା ନାଏକ (୯୪.୪%), ଦେବୀକୃପା ଜେନା (୯୪.୨%), ସମୀକ୍ଷା ପରିଡା (୯୩.୮%), ବର୍ଷାରାଣୀ ସାହୁ(୯୩.୬%), ତୁଷାରକାନ୍ତ ମହାନ୍ତ(୯୩%) ନମ୍ବର ରଖି ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି । ବିଦ୍ୟାଳୟର କୃତିତ୍ୱରେ ଅଧକ୍ଷ ସତ୍ୟବ୍ରତ ସାମଲ ଖୁସିବ୍ୟକ୍ତ କରି ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସେମାନଙ୍କର ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କର କଠିନ ପରିଶ୍ରମ, ଅଭିଭାବକ ମାନଙ୍କ ମାର୍ଗ ଦର୍ଶନ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସହଯାଗକୁ ପ୍ରଶଂସା କରିଛନ୍ତି । ଜିଲ୍ଲାପାଳ, ଉପଜିଲ୍ଲାପାଳ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟସ୍ତରରେ ଜିଲ୍ଲାର ଗୌରବକୁ ବୃଦ୍ଧି କରିଥିବାରୁ ଛାତ୍ରଛାତ୍ରୀ, ଅଧକ୍ଷ ଏବଂ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ବଡଦାଣ୍ଡ ଡାକଘରରେ ସିବିଏସ ବ୍ୟବସ୍ଥାର ଶୁଭାରମ୍ଭ

କେନ୍ଦୁଝର:(ପି.ଏନ୍.):କେନ୍ଦୁଝର ପୁରୁଣାସହରର ବଡଦାଣ୍ଡଠାରେ ଥିବା ପ୍ରାୟ ୫୦ବର୍ଷରୁ ଉର୍ଦ୍ଧ ପୁରୁଣା ଡାକଘରରେ ଗୁରୁବାର ଦିନ ସିବିଏସ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି । ଡାକ ନିରୀକ୍ଷକ ସୁବୋଧ ଚନ୍ଦ୍ର ଶତପଥୀ ଆନୁଷ୍ଠାନିକ ଭାବେ ଏହାକୁ ଶୁଭାରମ୍ଭ କରିଥିଲେ । ସେ ନିଜ ବକ୍ତବ୍ୟରେ କେନ୍ଦୁଝର ଜିଲ୍ଲାର ଅନ୍ୟତମ ପୁରୁଣା ପୋଷ୍ଟ ଅଫିସରେ ଏହି ବ୍ୟବସ୍ଥା ହୋଇପାରିବା ଦ୍ୱାରା ଜମାକାରୀମାନେ ଏହାର ଅନେକ ସୁଫଳ ପାଇପାରିବା ସହିତ ଏବେର ବ୍ୟବସ୍ଥାରେ ଯେ କୌଣସି ଡାକଘରେ ଜମାକାରୀମାନେ କାରବାର କରିପାରିବେ । ବଡଦାଣ୍ଡ ବା କେନ୍ଦୁଝରବଜାର ଡାକଘରର ପୋଷ୍ଟମାଷ୍ଟର ବସନ୍ତ କୁମାର ନାୟକ, ଝରଣା ଜେନା, ପୁଷ୍ପାଳି ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ସ୍ଥାନୀୟ ଅଂଚଳର ବରିଷ୍ଠ ନାଗରିକ ସରୋଜ ରଣା, ଅବସରପ୍ରାପ୍ତ ସହକାରୀ ଜିଲ୍ଲାପାଳ ସୁବୋଧ ଚନ୍ଦ୍ର ଦାଶ, ସେକ ଅବଦୁଲ ରସିଦ ପ୍ରମୁଖ ଉପସ୍ଥିତ ଥିଲେ ।

## କଳିଙ୍ଗ ବଚପନ୍ ଇଣ୍ଟର ନ୍ୟାସନାଲ ସ୍କୁଲର ଶତ ପ୍ରତିଶତ ସଫଳତା

କେନ୍ଦୁଝର:(ପି.ଏନ୍.): ସିବିଏସଇ ଦ୍ୱାରା ପରିଚାଳିତ ୨୦୨୧ ଦଶମ ଶ୍ରେଣୀ ପରୀକ୍ଷାରେ କେନ୍ଦୁଝର ମାଇନିଂ ରୋଡ ଗାୟତ୍ରୀ ମନ୍ଦିର ଲେନରେ ଥିବା କଳିଙ୍ଗ ବଚପନ୍ ଇଣ୍ଟର ନ୍ୟାସନାଲ ସ୍କୁଲ କୁ ଶତ ପ୍ରତିଶତ ସଫଳତା ମିଳିଛି । ବିଦ୍ୟାଳୟର ୪ଜଣ ଛାତ୍ରଛାତ୍ରୀ ଶତକଡା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ବିଦ୍ୟାଳୟର ଛାତ୍ରୀ ଲିପିକା ଦତ୍ତ ୯୨ ପତିଶତ,ଛାତ୍ରୀ ଅଙ୍କିତା ଦତ୍ତ୯୧.୨ ପ୍ରତିଶତ,ଛାତ୍ର ଆୟୁଷ ସାହୁ,ରାଜେଶ ଦେହୁରୀ ୯୦ ପ୍ରତିଶତ ନମ୍ବର ରଖିଛନ୍ତି ।

# ମୟୂରଭଞ୍ଜରେ ବିକାଶ ପାଗଳ ହୋଇଛି

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ବିକାଶ ପାଗଳ ହୋଇଯାଇଛି । ବିଜେପି ପୂର୍ବ ଭାରତରେ ବିକାଶର ସୂର୍ଯ୍ୟୋଦୟ ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ ହେବାର ନାରା ଦେଇଥିବା ବେଳେ ବିଜେଡ଼ି କଥାରେ ନୁହେଁ କାର୍ଯ୍ୟ କରିବାରେ ବିଶ୍ୱାସ ରଖେ ନାରା କେବଳ ସ୍ଲୋଗାନ ମଧ୍ୟରେ ସିମୀତ ରହିଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ମାଳମାଳ ଯୋଜନା ପ୍ରଚଳନ କରି ଚାଲିଥିବା ସମୟରେ ଏହାର ସଠିକ୍ ରୂପାୟନ ସମ୍ଭବ ହୋଇପାରୁ ନାହିଁ । ଫଳରେ ବିକାଶ ନାମରେ ଆସୁଥିବା ଅର୍ଥ ବାଟବଣା ହେବାରେ ଲାଗିଛି । ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ଜିଲ୍ଲାବାସୀ ମୌଳିକ ସୁବିଧାସୁଯୋଗରୁ ବଂଚିତ ହୋଇ ଆସୁଛନ୍ତି । କେଉଁଠି ପିଇବା ପାଣି ସମସ୍ୟାରେ ଜନସାଧାରଣ ଡ଼ହଳବିକଳ ହେଉଛନ୍ତି ପୁଣି କେଉଁଠି ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ । ସେହିପରି ଗମନାଗମନ, ଜଳସେଚନ ଆଦି ବିଭିନ୍ନ ସମସ୍ୟା ମଧ୍ୟ ଦେଇ କେଉଁଠି ନା କେଉଁଠି ମୟୂରଭଞ୍ଜ ଜିଲ୍ଲାର ଜନସାଧାରଣ ସମ୍ମୁଖୀନ ହେଉଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ସମ୍ଭବ ହୋଇପାରି ନାହିଁ । ଯଦିଓ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରୁ ୯ ବିଧାନସଭା ମଧ୍ୟରୁ ୬ଟିରୁ ଅନୁସୂଚିତ ଜନଜାତି, ଗୋଟାଏ ଅନୁସୂଚିତ ଜାତି ଏବଂ ଅନ୍ୟଟି ସାଧାରଣ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ସମୟରେ ଲୋକସଭା ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ତଥାପି ନିର୍ବାଚିତ ଜନ ପ୍ରତିନିଧିମାନେ ଜନସାଧାରଣଙ୍କ ବୃହତ ସାମୂହିକ ସ୍ୱାର୍ଥ ସାଧନ ନିମନ୍ତେ କୌଣସି କାରଣରୁ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା ବେଳେ ବିରୋଧୀ ସ୍ଥଳ ବିଶେଷରେ ସମସ୍ୟାକୁ କେବଳ ନିଜର ରାଜନୈତିକ ଫାଇଦାରେ ବ୍ୟବହାର କରିଆସୁଛି । ଏହାର ନଗ୍ନ ଉଦାହରଣ ପାଲଟିଛି ମୁଖ୍ୟମନ୍ତ୍ରୀ ନବୀନଙ୍କ ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଥିବା ସୁଦାମ ମାର୍ଣ୍ଡିଙ୍କ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ତଥା ବାଙ୍ଗିରିପୋଷି ବ୍ଲକ ଅଧୀନ ବ୍ରାହ୍ମଣ ଗାଁ ପଞ୍ଚାୟତ ସୋରିଷପାଳ ଗ୍ରାମ ନିକଟ ବୃଢ଼ାବଳଙ୍ଗ ନଦୀର ରେସୁଣ ଘାଟ । ଏଠାରେ ନଦୀ ପାର ହେବା ନିମନ୍ତେ ସେତୁ ଟିଏ ନିର୍ମାଣ ଦୂରର କଥା ନାହିଁ ଡଙ୍ଗାର ବ୍ୟବସ୍ଥା । ବର୍ଷ ବର୍ଷ ଧରି ନଦୀ ପାର ହେବା ନିମନ୍ତେ ଜନସାଧାରଣଙ୍କର ଏକ ମାତ୍ର ଭରସା ବାଉଁଶ ନିର୍ମିତ ଭେଳା । ଉକ୍ତ ଘାଟରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ନିଜ ଜୀବନକୁ ବାଜିରେ ଲଗାଇ ବିପଦ ଶଙ୍କୁଳ ଅବସ୍ଥାରେ ନଦୀ ପାର ହେଉଥିବାର ଦେଖିବାକୁ ମିଳିଥାଏ । ଟ୍ରକ, ବସ ଆଦି ଚାରି ଚକିଆ ଯାନର ଟାୟାରରେ ବ୍ୟବହାର ହେଉଥିବା ୬ଟି ଟିଉବ୍ ଉପରେ ବାଉଁଶ ବିଛାଯାଇ ଭେଳା ପ୍ରସ୍ତୁତ କରାଯାଇଛି । ଏଥି ସହିତ ଏକ ଦଉଡ଼ୁକୁ ନଦୀର ଦୁଇ ପାର୍ଶ୍ୱରେ ଖୁଂଟ ପୋତା ଯାଇ ସେଥିରେ ଦଉଡ଼ିର ଦୁଇ ମୁଣ୍ଡକୁ ବନ୍ଧା ଯାଇଛି । ଦଉଡ଼ିକୁ ଧରି ଭେଳାରେ ନଦୀର ଗୋଟାଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ପାରି ହୋଇଥାନ୍ତି । ସେହିପରି ଭେଳାରେ ଏକା ଥରକେ ୫ରୁ ୬ ବାଇକ ଧରି ଏ କୂଳରୁ ସେ କୂଳକୁ ଲୋକମାନେ ପାରି ହେଉଥିବାର ଦେଖିବାକୁ ମିଳିଛି । ନଦୀ ପାରି ହେବା ନିମନ୍ତେ ଆଖ ପାଖରେ କୌଣସି ପୋଲର ବ୍ୟବସ୍ଥା ନ ଥିବା କାରଣରୁ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ, ବୃଦ୍ଧା, ଯୁବକ, ଯୁବତୀଙ୍କ ସହ ରୋଗୀଙ୍କୁ ତୁରନ୍ତ ଚିକିତ୍ସାଳୟରେ ପହଁଞ୍ଚାଇବା ନିମନ୍ତେ ଏହି ଭେଳା ଏକ ମାତ୍ର ବିକଳ୍ପ ପାଲଟିଯାଇଛି ବୋଲି ନଦୀ ପାରି ହେଉଥିବା ସ୍ୱାସ୍ଥ୍ୟକର୍ମୀ ସୀତା ମାର୍ଣ୍ଡି, ସୁଶୀଳ ପୃଷ୍ଟି ଓ ସ୍ଥାନୀୟ ବାସିନ୍ଦା ଭୁଜୁ ମାର୍ଣ୍ଡି ପ୍ରମୁଖଙ୍କ ସହ ଭେଳା ଚାଳକ ବେଣୁଧର ମହାକୁଡ଼ କହିଛନ୍ତି । ସେହିପରି ବିଧାୟକ ଓ ଜିଲ୍ଲା ପ୍ରଶାସନ ଚାହିଁଥିଲେ ସରକାରଙ୍କ ବିଜୁ ସେତୁ ଯୋଜନା ଉକ ପୋଲ ନିର୍ମାଣ ନିମନ୍ତେ ପ୍ରପୋଜାଲ ଦେଇ ପାରିଥାନ୍ତେ । କିନ୍ତୁ ଏଥି ନିମନ୍ତେ କାହାରି ନିକଟରେ ଆନ୍ତରିକତା ନାହିଁ । ସେହିପରି ଉକ୍ତ ରେସୁଣ ନଦୀଘାଟଠାରୁ ଅଳ୍ପ କିଛି ଦୂରରେ ଥିବା ଦୋମୁହାଁଣିଠାରେ ୨୦୧୫ ମସିହାରେ ବାରିପଦା ପିଏ ଆଇଟିଡ଼ିଏ ପକ୍ଷରୁ ସାଢ଼େ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଝୁଲା ପୋଲ ନିର୍ମାଣ ନିମନ୍ତେ ବର୍ତମାନର ବାଙ୍ଗିରିପୋଷି ବିଧାୟକ ତଥା ଶ୍ରୀମାର୍ଣ୍ଡି ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଦୀର୍ଘ ଦିନର ଗମନାଗମନ ସମସ୍ୟାକୁ ଝୁଲା ପୋଲ ସମାଧାନର ରାସ୍ତା ଫିଟାଇ ଦେବାକୁ ନେଇ ଜନସାଧାରଣ ଅଧିକ ଉତ୍ସାହିତ ହୋଇପଡ଼ିଥିବା ସମୟରେ ଝୁଲା ପୋଲଟି କୂଳ ଛୁଇଁ ନ ପାରି ସବୁ ଦିନ ନିମନ୍ତେ ନଦୀ ମଝିରେ ସେମିତି ଝୁଲି ରହିଗଲା । ଯଦି ଜନତାଙ୍କ ସ୍ୱାର୍ଥରେ ଆସି ପାରିଲା ନାହିଁ, ତେବେ ଏହି ଝୁଲା ପୋଲ ପ୍ରକଳ୍ପ ନିର୍ମାଣ କାହା ସ୍ୱାର୍ଥ ସାଧନ ନିମନ୍ତେ ଉଦ୍ଦିଷ୍ଟ ରହିଥିଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଜନତା । ଏଥି ସହିତ ମନ୍ତ୍ରୀ ଶ୍ରୀମାର୍ଣ୍ଡି ୨୦୧୪ରେ ବିଜେଡ଼ିରେ ମିଶିବା ପୂର୍ବରୁ ବିଭିନ୍ନ କଥାରେ ସରକାରଙ୍କୁ ଘେରିବା ସହ ସମାଲୋଚନା କରିଆସୁଥିଲେ । ମାତ୍ର ଶାସକ ଦଳରେ ମିଶିବା ପରେ ମୟୂରଭଞ୍ଜ ଜିଲ୍ଲା ସହ ତାଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ ବାଙ୍ଗିରିପଷିର ସାମୂହିକ ବିକାଶ ତଥା ଉନ୍ନତି ସାଧିତ ହେବ ବୋଲି ଆଶା କରିଥିଲେ ଜନତା । ଝାମୁମୋରୁ ଦଳରୁ ଥରେ ଓ ଶାସକ ବିଜେଡ଼ି ଦଳରୁ ଦୁଇ ଦୁଇ ଥର ବିଧାୟକ ହେବା ସହ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି । ମାତ୍ର ତାଙ୍କ ନିଜ ବାସସ୍ଥାନ ରହିଥିବା ଏହି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ନିମନ୍ତେ ମନ୍ତ୍ରୀ ଶ୍ରୀମାର୍ଣ୍ଡି କେତେ ଯତ୍ନବାନ ତାହା ନିଜେ ଶିଳାନ୍ୟାଶ କରିଥିବା ଦୋମୁହାଁଣି ଝୁଲା ପୋଲରୁ ବେଶ ବାରି ହୋଇପଡୁଛି ବୋଲି ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ହାଁସଦାଃ, ପ୍ରଦୀପ ମହାକୁଡ଼ ପ୍ରମୁଖ ପ୍ରକାଶ କରିଛନ୍ତି । ତେଣୁ ଏଦିଗରେ ମନ୍ତ୍ରୀ ଶ୍ରୀମାର୍ଣ୍ଡିଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କର ସେଲ ନମ୍ବର ୯୪୩୯୨୯୭୯୦୦ରେ ଯୋଗାଯୋଗ ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା । ସେହିପରି ବାରିପଦା ପିଏ ଆଇଟିଡ଼ି ବସନ୍ତ କୁମାର ସେଠୀଙ୍କ ସହ ମଧ୍ୟ ଯୋଗାଯୋଗ ହୋଇ ପାରି ନ ଥିଲା ।

# ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୫୪୮ କୁ ବୃଦ୍ଧି

## ୨ ପୋଲିସ କର୍ମଚାରୀଙ୍କ ସମେତ ୫ କରୋନା ଯୋଦ୍ଧା ସଂକ୍ରମିତ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲାରେ ଆଜି ଫୁଲବାଣୀ ଟାଉନ ଥାନାର ଦୁଇଜଣ ପୁଲିସ କର୍ମଚାରୀଙ୍କୁ ମିଶାଇ ମୋଟ ୫ ଜଣ କରୋନା ଯୋଦ୍ଧାଙ୍କ ସମେତ ମୋଟ ୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪,୫୪୮ରେ ପହଂଚିଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ଆଜି ସୁଦ୍ଧା ୩,୮୭୮ ଜଣ ସଂକ୍ରମିତ ସୁସ୍ଥ ହୋଇ ସେମାନଙ୍କ ଘରକୁ ଫେରିଛନ୍ତି । କରୋନା ଜନିତ ମୃତ୍ୟୁ ସଂଖ୍ୟା ଜିଲ୍ଲାରେ ୨୩ ରହିଛି ଆଉ ୬୪୭ ଜଣ ସଂକ୍ରମିତ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଆଜିର ସଂକ୍ରମିତଙ୍କ ମଧ୍ୟରୁ ଜିଲ୍ଲାର ଫୁଲବାଣୀ ପୌରାଂଚଳରେ ୧୫ ଜଣ ଏବଂ ଗ୍ରାମାଂଚଳରେ ୨ଜଣ ଚିହ୍ନଟ ହୋଇଚନ୍ତି । ସେହିପରରି ବାଲିଗୁଡାର ବିଜ୍ଞାପିତ ଅଂଚଳରେ ୩ ଜଣ ଓ ଗ୍ରାମାଂଚଳରେ ୪ ଜଣ ଲେଖାଏଁ ଚିହ୍ନଟ ହୋଇଛନ୍ତି । ଜିଲ୍ଲାର ଘୁ.ଉଦୟଗିରିରେ ୨,ଚକାପାଦରେ ୫,ଦାରିଙ୍ଗବାଡିରେ ୪,କ.ନୁଆଗାଁରେ ୩,ଖଜୁରିପଡାରେ ୫,କୋଟଗଡରେ ୩,ଫିରିଙ୍ଗିଆ ୨,ରାଇକିଆ ୫,ଟିକାବାଲିରେ ୧, ତୁମୁଡିବନ୍ଧ ଅଂଚଳରୁ ୪ ଜଣ ଥିବାବେଳେ ଅନ୍ୟାନ୍ୟ ଅଂଚଂଳରୁ ଜଣେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ତେବେ କରୋନା ସଂକ୍ରମଣ ଧିରେଧିରେ ବଢିବାରେ ଲାଗିଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ କୁହାଯାଇଛି । ଅତି ଆବଶ୍ୟକ ହେଲେ ଘରୁ ବାହାରିବାବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ବଜାୟ ରଖି ଯାତାୟାତ କରିବା ସହିତ କୋଭିଡ ନିୟମ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

# ଅଭାବ ଅନାଟନକୁ କେନ୍ଦ୍ର କରି ଉଗ୍ର ରୂପ ନେଲା ପାରିବାରିକ କଳହ

## ପତ୍ନୀକୁ କଟୁରୀରେ ହାଣି ହତ୍ୟା କଲା ସ୍ୱାମୀ, ଅଭିଯୁକ୍ତ ସ୍ୱାମୀ ଗିରଫ

ଜଗତସିଂହପୁର, (ପିଏନ)- ପାରିବାରିକ କଳହକୁ କେନ୍ଦ୍ର କରି ପତ୍ନୀକୁ କଟୁରୀ ସାହାଯ୍ୟରେ ହାଣି ହତ୍ୟା କରିଛି ନୃସଂଶ ସ୍ୱାମୀ । ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା (ଖ) ଗ୍ରାମରେ ଘଟିଯାଇଛି ଏଭଳି ଏକ ଅଭାବନୀୟ ଘଟଣା । ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବା ସହ ଏନେଇ ଅଧିକ ପଚରା ଉଚୁରା ଜାରୀ ରଖିଛି କୁଜଙ୍ଗ ପୋଲିସ ।

ଅଭାବ ଅନାଟନକୁ କେନ୍ଦ୍ର କରି ପତି ପତ୍ନୀଙ୍କ ମଧ୍ୟରେ ଅନେକ ସମୟରେ ପାରିବାରିକ କହଳ ଲାଗି ରହୁଥିଲା । ଏହି କଳହ ଗତକାଲି ରାତିରେ ଉଗ୍ର ରୂପ ନେଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ସ୍ୱାମୀ ତଥା ଟ୍ରାକ୍ଟର ଡ୍ରାଇଭର ମେଘନାଦ ତରାଇ ପତ୍ନୀ ପାର୍ବତୀଙ୍କ ମୁଣ୍ଡକୁ କଟୁରୀରେ ଚୋଟ ପକାଇଥିଲା । ଫଳରେ ଗଭୀର କ୍ଷତ ଓ ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ କୁଜଙ୍ଗ ପୋଲିସ ସେଠାରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରିଛି । ଏହାକୁ ବ୍ୟବଛେଦ ନିମନ୍ତେ କୁଜଙ୍ଗ ଶବ ବ୍ୟବଛେଦ କେନ୍ଦ୍ରକୁ ପଠାଇଛି । ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ ହୋଇଛି । ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ମେଘନାଦକୁ ଗିରଫ କରିବା ସହିତ ଏନେଇ ଅଧିକ ତଦନ୍ତ ଜାରୀ ରଖିଛି ।

ଏଠାରେ ଉଲ୍ଲେଖଯୋଗ୍ୟ, ଏହି ଦମ୍ପତିଙ୍କର ଏକ ୧୩ ବର୍ଷିୟା ଝିଅ ଓ ଏକ ୮ ବର୍ଷର ପୁଅ ରହିଛି ।

## ବଡ ଧରଣର ଡକାୟତ ଉଦ୍ୟମକୁ ପଣ୍ଡ କଲା ଧର୍ମଶାଳା ପୋଲିସ

# ୪ ଅଭିଯୁକ୍ତ ଗିରଫ,୬ ଫେରାର, ୨ବାଇକ୍ ସହ ବହୁ ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ପୋଲିସକୁ ବଡ ଧରଣର ସଫଳତା । ଗତ କାଲି ବିଳମ୍ବିତ ରାତିରେ ଏକ ବଡ ଧରଣର ଡକାୟତି ଉଦ୍ୟମ ଯୋଜନା କରୁଥିବା ବେଳେ ନାଇଟ ପାଟ୍ରୋଲିଂ କରୁଥିବା ପୋଲିସ ଏହାକୁ ପଣ୍ଡ କରିଛି । ଯାହାକୁ ନେଇ ଆଜି ଧର୍ମଶାଳାରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବାଇକ,ମାରଣାସ୍ତ୍ର ସହ ନଗଦ ଟଙ୍କା ଜବତ କରିଥିବ ନେଇ ଆଜି ଅପରାହ୍ନରେ ଧର୍ମଶାଳା ଥାନା ପରିସରରେ ଯାଜପୁର ଏସଡିପିଓ ଚିନ୍ମୟ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଗତ କାଲି ରାତିରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ପାହାଡ ପାଦ ଦେଶରେ କିଛି ଯୁବକ ଚଳାବୁଲା କରୁଥିଲେ । ତେବେ ସେହି ସମୟରେ ଧର୍ମଶାଳା ପୋଲିସ ନାଇଟ ପାଟ୍ରୋଲିଂ କରୁଥିବା ସମୟରେ ସେମାନଙ୍କ ଉପରେ ନଜର ପଡିଥିଲା । ତେବେ ସେମାନେ ପୋଲିସକୁ ଦେଖି ଫେରାର ହୋଇ ଯାଉଥିବା ଦେଖି ପୋଲିସ ସେମାନଙ୍କୁ ପିଛା କରି ୪ ଜଣଙ୍କୁ ଧରିବାରେ ସଫଳତା ପାଇଥିଲା ବେଳେ ଅନ୍ୟ ୬ ଜଣ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ୪ ଯୁବକଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚୁରା ପରେ ଏକ ଡକାୟତି ଯୋଜନା କରୁଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ଏବଂ ସେମାନଙ୍କଠାରୁ ବହୁ କଥା ଜାଣିବାକୁ ପାଇଥିଲା । ଏବଂ ସେମାନଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଥିଲା । ଏହି ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପୋକଲ ପଲ୍ଲୀ ଗ୍ରାମର କାର୍ତିକ ଦାସଙ୍କ ପୁଅ ଶିବାଜୀ(୨୩) ଏହି ଗ୍ରାମର ଦାସ ଲାମ୍ବାଙ୍କ ପୁଅ ଦାସ ବେଣ୍ଟା(୧୯),ଆସ୍କା ଥାନା ଅନ୍ତର୍ଗତ କରଟେଲି ଗ୍ରାମର ଆହୁଲା ସୁରେଶଙ୍କ ପୁଅ ଆହୁଲା ବଳରାମ(୨୧) ଓ ଆସ୍କା ଥାନା ଅନ୍ତର୍ଗତ ରେଞ୍ଜର ବଙ୍ଗଳା ଗ୍ରାମର ଏମ୍ ବାବୁଲାଙ୍କ ପୁଅ ଏମ୍ ସୁନିଲ(୨୫) ବୋଲି ଜଣାପଡିଛି । ଏବଂ ସେମାନେ ବ୍ୟବହୃତ କରୁଥିବା ୨ଟି ହୋଣ୍ଡା ବାଇକ୍ ଓଡି୦୨ଏଏସ୬୯୨୧ ଓ ଓଡି୩୨ଇ୨୬୧୧,ଗୋଟିଏ ଦେଶୀ ବନ୍ଧୁକ,ଗୋଟେ ଭୁଜାଲି,ଗୋଟେ ଛୁରୀ,୨ଟି ରେଂଚୁ,ଗୋଟେ ପ୍ୟାକେଟ ଲଙ୍କା ଗୁଣ୍ଡ,୮ ଗୋଟି ମୋବାଇଲ, ନଗଦ ୮୧୯୦ଟଙ୍କା,୬ଟି ଏଟିଏମ୍ କାର୍ଡ,୧୩ ଗୋଟି ସିଲଭର ପାଉଁଜି,୨୪ଟି ସିଲଭର ମୁଦିକୁ ପୋଲିସ ଜବତ କରିଛି । ଏବଂ ଅଭିଯୁକ୍ତମାନଙ୍କୁ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସଡିପିଓ ଶ୍ରୀ ନାୟକ ସୂଚନା ଦେଇଛନ୍ତି । ଏବଂ ଏହି ଘଟଣାରେ ଏହି ସବୁ ଅଂଚଳର ବିଜୟଙ୍କ ପି ରାଜା(୨୧),କୃଷ୍ଣ ଦାସଙ୍କ ପୁଅ ମହେଶ୍ୱର(୨୧),ପି ରାମୁଙ୍କ ପୁଅ ରହୁଲ ଦାସ(୨୧), ମିଳନ ଦାସ(୨୧), ଜୟା ଗୋପିଙ୍କ ପୁଅ ଜୟା ଚାନ୍ଦୁ(୧୯) ଓ ଅଭୟ ଦାସ(୨୫) ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଖୁବ ଶିଘ୍ର ଧରାଯିବ ବୋଲି ପୋଲିସ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆଜି ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ । ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ । ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍‌କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ । ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ । ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ । ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଆଦେଶ ଦେଇଛନ୍ତି । ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ୍ୟ କହିଛନ୍ତି । ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି । ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି ।

# ଅବହେଳିତ ଆନନ୍ଦପୁର ଡାକ୍ତରଖାନା

କେନ୍ଦୁଝର:(ପି.ଏନ୍.): ପ୍ରଶାସନିକ ଅଣଦେଖା ଓ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ବିଭିନ୍ନ କ୍ଷେତ୍ରରେ ଅବେହଳିତ ହୋଇ ପଡିଛି । ଆନନ୍ଦପୁର ଅଂଚଳରେ ଜନସଂଖ୍ୟା ଓ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଡାକ୍ତର ଓ କର୍ମଚାରୀଙ୍କ ପଦବୀ ବୃଦ୍ଧି ହେଉନାହିଁ । ଅନେକ ବିଭାଗରେ ଡାକ୍ତର ଓ କର୍ମଚାରୀଙ୍କ ପଦବୀ ଦୀର୍ଘଦିନ ହେବ ପୂରଣ ହୋଇପାରୁନି । ୯ ପଦବୀରେ ଡାକ୍ତର ନଥିବା ଜଣାପଡିଛି । ଏହି ଚିକିତ୍ସାଳୟକୁ ଭଗବାନ ଭରସା ବୋଲି ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ୪ଟି ଜିଲ୍ଲାର ସୀମାନ୍ତବର୍ତ୍ତି ଅଧିବାସୀ ନିର୍ଭର କରୁଥିବା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ସ୍କାନିଂ ମେସିନ୍ ନଥିବାରୁ ପ୍ରତିଦିନ ରୋଗୀମାନେ କଟକ, ଭଦ୍ରକ, ଯାଜପୁର ଅଂଚଳକୁ ଯାଇ ଦୁର୍ଦ୍ଦଶା ଭୋଗ କରୁଥଇବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ୨୦ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ରୋଗୀମାନେ ବିଶେଷ ଅସୁବିଧା ଭୋଗ କରୁଛନ୍ତି । କେନ୍ଦୁଝର, ମୟୁରଭ, ଯାଜପୁର ଓ ଭଦ୍ରକ ଜିଲ୍ଲାର କେନ୍ଦ୍ରସ୍ଥଳୀରେ ଥିବା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ପ୍ରତ୍ୟେହ ୪୫୦ରୁ ଉର୍ଦ୍ଧ୍ୱ ରୋଗୀ ଆସୁଥିବା ବେଳେ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ରୋଗୀ ଏଠାରେ ବିଭିନ୍ନ ୱାର୍ଡରେ ରହୁଥିବା ଏକ ବେସରକାରୀ ସୂତ୍ରରୁ ଜଣାପଡିଛି । ପ୍ରାୟ ୩୫ ବର୍ଷ ପୂର୍ବେ ଅର୍ଥାତ୍ ୧୯୮୫ ମସିହା ସରକାରୀ ବ୍ୟବସ୍ଥାରେ ରହି ଆସୁଥିବା ଏହି ଡାକ୍ତରଖାନାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭଳି ବ୍ୟବସ୍ଥା ରହିବାର ଆବଶ୍ୟକତା ଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହୋଇଛି । ସ୍ୱାସ୍ଥ୍ୟ ସେବା ରାଜ୍ୟ ସରକାରଙ୍କ କ୍ଷେତ୍ରରେ ବିବିଧ ଯୋଜନା ଘୋଷଣା କରାଯାଇଥିଲେ ମଧ୍ୟ ଆନୁଷଙ୍ଗିକ ମେସିନ୍ ଓ ଅପରେଟରର ବ୍ୟବସ୍ଥା ହୋଇ ନଥିବାରୁ ରୋଗୀମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ଅଭିଯୋଗ ହୋଇଛି । ବିଭିନ୍ନ କ୍ଷେତ୍ରରେ ରହିଥିବା ଅଭାବ ଓ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜିଲ୍ଲା ଖଣିଜ ପାଣ୍ଠି ଗଠନ କରାଯାଇଛି । ଯେଉଁଥିରେ କୋଟି କୋଟି ଟଙ୍କାର ରାଜସ୍ୱ ଗଚ୍ଛିତ ରହିଛି । ହେଲେ ସାଧାରଣ ଲୋକଙ୍କ ଜୀବନ ରକ୍ଷା ପାଇଁ ଆବଶ୍ୟକତା ପୂରଣ ହୋଇପାରୁ ନଥିବା ଅତ୍ୟନ୍ତ ପରିତାପର ବିଷୟ ।

## ଉତରପ୍ରଦେଶ ହାତରସ ଘଟଣା ପାଇଁ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

କନ୍ଧମାଳ,(ପିଏନ)- ପ୍ରଦେଶ ଯୁବ କଂଗ୍ରେସ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ଆଜି ଫୁଲବାଣୀରେ ଉତରପ୍ରଦେଶ ହାତରସରେ ହୋଇଥିବା ଜଣେ ଯୁବତୀଙ୍କୁ ନିର୍ମମ ଭାବରେ ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଛି । ମଧ୍ୟରାତ୍ରରେ ତାଙ୍କୁ ମୃତ ଘୋଷଣା କରିବାପରେ ତାଙ୍କ ଶବକୁ ଉତରପ୍ରଦେଶ ପୁଲିସ ତାଙ୍କ ପରିବାରକୁ ହସ୍ତାନ୍ତର ନ କରି ପ୍ରଶାସନ ଶବକୁ ପୋଡିଦେଇଥିବା ଘଟଣାକୁ ବିରୋଧ କରାଯାଇଛି । ସେଥିପାଇଁ ଆଜି ସଂନ୍ଧ୍ୟାରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀଙ୍କ ନେତୃତ୍ୱରେ ସ୍ଥାନୀୟ ମାଦିକୁନ୍ଦା ଛକଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ବିଜୁପଟ୍ଟନାୟକ ଛକଠାରେ ପହଂଚିଥିଲା । ଏଥିରେ ପୁର୍ବତନ ସାଂସଦ ରାଧାକାନ୍ତ ଦିଗାଲ,ପୁର୍ବତନ ବିଧାୟକ ଅଭିମନ୍ୟୁ ବେହେରାଙ୍କ ସମେତ ଜିଲ୍ଲା କଂଗ୍ରେସର ଘନକୁମାର ଶବର,ହେମନ୍ତ କର,ସଂସାର ଭୋଇ,ଦୁର୍ଯ୍ୟଧନ ପଟ୍ଟନାୟକ,ସଞ୍ଜୟ ଭଞ୍ଜ,ବଳଦେବ ବେହେରା,ଅଶୋକ ସାସିନି,ନନ୍ଦକିଶୋର ଦାସ,ଶିବଶଙ୍କର ବେହେରା, ମନିଶ ବେହେରାଙ୍କ ସମେତ ଅନ୍ୟମାନେ ଯୋଗ ଦେଇ ପୀଡିତାଙ୍କ ତୈଳଚିତ୍ର ଆଗରେ କ୍ୟାଣ୍ଡେଲ ଜାଳି ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ସରକାରଙ୍କର ଦ୍ୱାରା କରାଯାଇଥିବା ଏହି କାର୍ଯ୍ୟ ହିନ୍ଦୁ ଧର୍ମର ବିରୋଧ ଓ ଅସମ୍ମାନ ବୋଲି ଦଳର ପୁରୁଣା ନେତା ମାନେ କହିଛନ୍ତି । ଉତରପ୍ରଦେଶ ସରକାରଙ୍କ ଏହି କାର୍ଯ୍ୟକୁ ବିରୋଧ କରାଯିବା ସହିତ ସେଠାରେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଆଦିତ୍ୟ ଯୋଗୀଙ୍କ କୁଶପୁତଳିକା ଦାହ କରାଯାଇଥିଲା ।

# ନୂଆ କୋବିଡ଼ ଆକ୍ରାନ୍ତ ୬୧, ମୃତ୍ୟୁ ସଂଖ୍ୟାରେ ଆଉ ୧ ବୃଦ୍ଧି

ଭଦ୍ରକ,(ପିଏନ)- ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୬୧ଜଣ ଚିହ୍ନଟ ହୋଇଥିବା ବେଳେ ଆଉ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟାରେ ଆଉ ୧୧୪ ବୃଦ୍ଧି ପାଇଛି । ଜିଲ୍ଲାର ମୋଟ ୮୬ ହଜାର ୪୭୦ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୫୩୧୭ । ମୋଟ ସୁସ୍ଥ ହୋଇଛନ୍ତି ୪୪୮୨ । ସେହିଭଳି ମୃତ୍ୟୁ ସଂଖ୍ୟା ଗତକାଲି ୧୩ ଥିବା ବେଳେ ଏଥିରେ ଆଉ ୧ ବୃଦ୍ଧି ହୋଇ ମୋଟ ମୃତ୍ୟୁ ସଂଖ୍ୟା ହୋଇଛି ୧୪ । ସେହିଭଳି ମୋଟ ଆକ୍ଟିଭ ଆକ୍ରାନ୍ତ ଅଛନ୍ତି ୮୨୧ଜଣ । ଚିହ୍ନଟ ୬୧ ଆକ୍ରାନ୍ତଙ୍କ ମଧ୍ୟରୁ ଭଦ୍ରକ ବ୍ଲକରୁ ୧୩ଜଣ, ଭଦ୍ରକ ପୌରପାଳିକାରୁ ୯, ବାସୁଦେବପୁରରୁ ୧୨, ଚାନ୍ଦବାଲିରୁ ୬, ଧାମନଗରରୁ ୯, ଭଣ୍ଡାରିପୋଖରୀରୁ ୫, ବନ୍ତ ବ୍ଲକରୁ ୩, ତିହିଡି ବ୍ଲକରୁ ୨ ଏବଂ ଅନ୍ୟ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।




Bhubaneswar Friday August 06, 2021 ଭୁବନେଶ୍ୱର ଶୁକ୍ରବାର, ଅଗଷ୍ଟ ୦୬,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଉବର୍ ରେଂଟାଲ୍ସ ପକ୍ଷରୁ ୩୯ଟି ସହରକୁ ସେବା ବିସ୍ତାର

ଭୁବନେଶ୍ୱର :ଉବର୍ ପକ୍ଷରୁ ଆଜି ଘୋଷଣା କରାଯାଇଛି ଯେ, ଏହାର ରେଂଟାଲ୍ସ ସେବା ଏବେ ଭାରତର ୩୯ଟି ସହରରେ ଉପଲବ୍ଧ ହେବଏବଂ ଅଧିକାଂଶ ରାଇଡର୍ ନିଜର ପରିବାର ଓ ବନ୍ଧୁମାନଙ୍କୁ ଭେଟିବା, ବ୍ୟବସାୟିକ ମିଟିଙ୍ଗ୍ ଓ ଅଫିସ୍ କାମକରିବା ପାଇଁମଲ୍ଟି-ଆୱାର୍, ମଲ୍ଟି-ସପ୍‌ବିକଳ୍ପର ବ୍ୟବହାର କରୁଛନ୍ତି।ଜୁନ୍ ୨୦୨୦ରେ ଏହିସେବା ଆରମ୍ଭ ହେବା ପରଠାରୁ ଦେଶରେସାମ୍ନାକୁ ଆସିଥିବା ଅନ୍ୟ ବ୍ୟବହୃତ ମାମଲା ଗୁଡିକରେ ଜିନିଷ ସଂଗ୍ରହ ତଥା ଦେବା ପାଇଁ ଗସ୍ତ, ଗ୍ରୋସରୀ ସପିଙ୍ଗ୍,ଏକ ପୂଜାସ୍ଥାନକୁ ପରିଦର୍ଶନ କରିବା, ଘର ପରିବର୍ତନ କରିବା ଓ ଫ୍ଲାଟ୍‌ଖୋଜିବା ଆଦି ସାମିଲରହିଛି।କମ୍ପାନୀ ଏହା ମଧ୍ୟ ଉନ୍ମୋଚନ କରିଛି ଯେ, ଏହି ସେବା ମାସ ପରେ ମାସ ଡବଲ୍ ଟ୍ରିପ୍ ସଂଖ୍ୟାରେ ଅଭିବୃଦ୍ଧି ପରିଲକ୍ଷିତକରିଥିବାବେଳେ, ଦିଲ୍ଲୀ ,ମୁମ୍ବାଇ ଓ କୋଲ୍‌କାତା ଭଳି ମେଟ୍ରୋ ଗୁଡିକରେ ଉନ୍ନତ ଉପଭୋକ୍ତା ଚାହିଦା ମଧ୍ୟ ଦେଖିଛି ଯେଉଁଠାରେ ହାରାହାରି ଟ୍ରିପ୍ ସମୟ ୨ ଘଂଟାର ଅଧିକ ସମୟ ରହିଛି ।ଉବର୍ ପକ୍ଷରୁଡ୍ରା ଇଭର୍ ପାର୍ଟନର ମାନଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା ସହିତ ଏହାର ସମୁଦାୟ ଗୁଡିକର ପରିବର୍ତିତ ଆବଶ୍ୟକତାକୁ ପୂରଣକରିବା ଲାଗି ଗତବର୍ଷ ଲକ୍‌ଡାଉନ୍ ବଢିବା ପରେ ରେଂଟାଲ୍ସ ସେବା ଲଂଚ୍ କରାଯାଇଥିଲା। ଏହି ୨୪ଘ୭ ଅନ୍-ଡିମାଣ୍ଡ ସେବାରାଇଡର୍ ମାନଙ୍କୁ ଏକାଧିକ ଥର ଅଟକିବାର ସ୍ୱାଧୀନତାସହିତ ଅନେକ ଘଂଟା ପାଇଁ ଏକ କାର୍ ଓ ଡ୍ରାଇଭର୍‌ବୁକ୍‌କରିବାକୁ ଅନୁମତି ଦେଉଛି ।ଫ୍ରେଶ୍‌ୱର୍କସ୍‌ରେ ସାଉଥ୍ ଇଷ୍ଟ ଏସିଆର ମୁଖ୍ୟ ଓ ବେଙ୍ଗାଲୁରୁର ଜଣେ ନିବାସୀ ଜନି କହିଛନ୍ତି, ନ୍ତ ଉବର୍ ରେଂଟାଲ୍ସ ହେଉଛି ଯାତାୟକ ପାଇଁମୋର ପସନ୍ଦର ମାଧ୍ୟମ ବିଶେଷ କରି ଏହାକୁ ଟିକାକରଣ ପାଇଁ ଯିବାର ଥିଲା। ସମାନ ଡ୍ରାଇଭର୍‌ଙ୍କସହିତ ୩ରୁ ୪ ଘଂଟା ପର୍ଯ୍ୟନ୍ତ ଯାତ୍ରାକରିବା ଅଧିକ ସୁବିଧାଜନକ ଓ ଆରାମଦାୟକ ହୋଇଥାଏ ।ଉବର ରେଂଟାଲ୍ସ ଏବେ ଦେଶର ୩୯ଟି ସହରରେ ଉପଲବ୍ଧ ହେଉଛି ଯେଉଁଥିରେ ଦିଲ୍ଲୀଏନ୍‌ସିଆର୍, ବେଙ୍ଗାଲୁରୁ, ମୁମ୍ବାଇ, ହାଇଦ୍ରାବାଦ, କୋଲ୍‌କାତା, ଚେନ୍ନାଇ, ପୁନେ, ଅହମ୍ମଦାବାଦ, ପାଟ୍‌ନା, ଚଣ୍ଡୀଗଡ, କାନ୍‌ପୁର, ଲକ୍ଷ୍ନୌ, କୋଚି, ଜୟପୁର, ଗୌହାଟୀ, ଭୋପାଳ, ନାଗପୁର, ଇନ୍ଦୋର, ବିଶାଖାପାଟ୍‌ନମ୍, ଭୁବନେଶ୍ୱର, ଲୁଧିଆନା, ରାଂଚି, କୋଏମ୍ବାଟୁର, ତିରୁପତି, ଉଦୟପୁର, ଯୋଧପୁର, ବାରାଣସି, ଆଗ୍ରା, ଅମୃତସର, ଥିରୁଭଅନନ୍ତପୁରମ୍, ରାୟପୁର, ଡେହରାଡୁନ, ସୁରଟ, ଆଜ୍‌ମେର, ବିଜୟୱାଡା, ବଡୋଦ୍‌ରା, ନାସିକ୍, ପ୍ରୟାଗରାଜ ଓ ଜବଲପୁର ଆଦି ସାମିଲରହିଛି।ଏହି ସେବାର ସଫଳତା ଉପରେ ଉବର୍‌ଇଣ୍ଡିଆ ଓ ସାଉଥ୍ ଏସିଆର ରାଇଡର୍ ଅପରେଶନ୍ସ ହେଡ୍ ରତୁଲ ଘୋଷ୍ କହିଛନ୍ତି, ଉବର୍‌ରେ ଆମେ ଯାତାୟତ ସମାଧାନ ଆଣିବା ଲାଗି ସବୁବେଳେ ଉଦ୍ଭାବନ କରିଥାଉ ଯାହା ଆମର ସମୁଦାୟଗୁଡିକର ପରିବର୍ତିତ ଆବଶ୍ୟକତାକୁ ପୂରଣକରିଥାଏ। ୩୯ଟି ସହରକୁ ଏହି ସେବାର ସମ୍ପ୍ରସାରଣ ଏବଂ ଉବର୍‌ରେଂଟାଲ୍ସ ଉପରେ ଆମେ ପରିଲକ୍ଷିତ କରିଥିବା ମାସ ପରେମାସ ନିରନ୍ତର ଅଭିବୃଦ୍ଧି ; ଏହିସେବାକିଭଳିରାଇଡର୍‌ମାନଙ୍କର ଆବଶ୍ୟକତାକୁ ପୂରଣକରୁଛିତାହାକୁ ଦର୍ଶାଉଛି।

## କାଠ ବୋଝେଇ ବଲେରୋ ଗାଡି ଜବତ୍, ଜଣେ ଗିରଫ

କେନ୍ଦୁଝର: ଗତକାଲି ରାତିରେ ସଦର ରେ ଅନ୍ତର୍ଗତ ଜଙ୍ଗିରା ରୁ କେନ୍ଦୁଝର ଅଭିମୁଖେ ଆସୁଥବା ଏକ କାଠ ବୋଝେଇ ବଲେରୋ ଗାଡିକୁ ବନ ବିଭାଗ ଜବତ୍ କରିଛି। ପୂର୍ବ ସୂଚନା ପାଇଁ ବନ ବିଭାଗ ସ୍କାର୍ଡ ଜଙ୍ଗିରା ଠାରୁ ୩ କିଲୋମିଟର ଦୂର ଖୁଦପଶି ନିକଟରେ ଜଗି ରହିଥିବାବେଳେ କାଠ ବୋଝେଇ ବଲେରୋ ଗାଡି ଜବତ୍ କରିବା ସହ ଡ୍ରାଇଭର କୁ ଗିରଫ କରିବାରେ ସକ୍ଷମ ହୋଇଛି। ଜବତ୍ ବଲେରୋ ଗାଡି ନଂ ଓଆର ୦୨ବିଜି ୭୮୩୯ରେ ୨୩ ସିଫଟ ଶାଳ ଚଉକାଠ ଥିଲା। ଜବତ୍ କାଠ ର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ଜଣାପଡିଛି।

## ଶ୍ୟାମଳ ସୁବର୍ଣ୍ଣର ଚତୁର୍ଦ୍ଦଶ ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର : ସର୍ବଭାରତୀୟ ସ୍ତରରେ କୃଷିରେ ଉଲ୍ଲେଖନୀୟ ପାରଦର୍ଶିତା ପାଇଁ କୃଷିକର୍ମଣ ପୁରସ୍କାରରେ ପୁରସ୍କୃତ। କୃଷିର ବିକାଶ,କୃଷକର ବିକାଶ ଏହି ସ୍ଲୋଗାନକୁ ନେଇ ଏପ୍ରିଲ ପ୍ରଥମ ସପ୍ତାହରେ ପ୍ରକାଶ ପାଇଥିଲା ଓଡ଼ିଶାର ପ୍ରଥମ ଛାତ୍ର ସମ୍ପାଦିତ କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା ଶ୍ୟାମଳ ସୁବର୍ଣ୍ଣ। ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷି ଓ କୃଷକର ବିକାଶକୁ ପ୍ରାଥମିକତା ଦେଇ ଆସିଛି। କୃଷିର ବିକାଶ , କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ଶ୍ୟାମଳ ସୁବର୍ଣ୍ଣ ସବୁବେଳେ ଚାଷୀ ମାନଙ୍କ ପାଇଁ କାର୍ଯ୍ୟକରି ଆସିଛି। କରୋନା ପରି ସମୟରେ ପ୍ରିଣ୍ଟିଂ ହୋଇପାରୁନଥିବାରୁ




ଏହାର ଡ଼ିଜିଟାଲ ସଂଖ୍ୟା ଲୋକଙ୍କ ପଖେରେ ପହଁଚିବା ପାଁ ଅନଲାଇନରେ ଇ-ମ୍ୟାଗାଜିନ ପ୍ରକାଶ ପାଇଛି। ପତ୍ରିକାର ଚତୁର୍ଦ୍ଦଶ ସଂଖ୍ୟା ଉନ୍ମୋଚିତ ହେବା ସହ ଏହା ଏବେ ଅନଲାଇନରେ ପାଠକ ମାନଙ୍କ ପାଇଁ ଉପଲବ୍ଧ। ବିଭିନ୍ନ କୃଷି ଭିତ୍ତିକ ଉପାଦେୟ ଲେଖା , ଚାଷୀ ମାନଙ୍କର ସମସ୍ୟା ଓ ସମାଧାନର କଥା ଏହି ସଂଖ୍ୟାରେ ସ୍ଥାନିତ ହୋଇଛି। ଆଗାମୀ ଦିନରେ ଓଡ଼ିଶାର ଚାଷୀଭାଇମାନଙ୍କ ପାଇଁ ଅନେକ କିଛି କାର୍ଯ୍ୟକ୍ରମ କରାଯିବା ସହ ଶ୍ୟାମଳ ସୁବର୍ଣ୍ଣ ଦ୍ୱାରା ଆରମ୍ଭ କରାଯାଇଥିବା ଦିନିକିଆ କୃଷକ ସଚେତନତା ଓ ପ୍ରଶିକ୍ଷଣ ଶିବିର ପୁନର୍ବାର ଅନ୍ୟ ଜିଲ୍ଲା ମାନଙ୍କରେ କରାଯିବାର ଯୋଜନା ରହିଛି ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି।

## ଖୋଲିଲା ପ୍ରସିଦ୍ଧ ଶୈବପୀଠ ମହାବିନାୟକ,ଭକ୍ତଙ୍କ ମଧ୍ୟରେ ଆନନ୍ଦର ଲହରୀ

ଚଣ୍ଡିଖୋଲ:ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜିଠାରୁ ଚଣ୍ଡିଖୋଲ ର ପ୍ରସିଦ୍ଧ ଶୈବପୀଠ ମହାବିନାୟକ ଖୋଲିଅଛି. ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ଭିତରେ ଆନନ୍ଦର ଲହରୀ ଖେଳିଯାଇଛି.ବିଶେଷ କରି ଶ୍ରାବଣ ମାସ ଥିବାରୁ ମନ୍ଦିର ଖୋଲିବାକୁ ପ୍ରଶାସନ ନିଷ୍ପତି ନେଇଥିବାରୁ ଏହାକୁ ସମସ୍ତେ ସ୍ୱାଗତ କରିଛନ୍ତି .ଦୀର୍ଘଦିନ ହେବ କୋଭିଡ ପାଇଁ ମନ୍ଦିର ବନ୍ଦ ରହିବା ଫଳରେ ମନ୍ଦିର ର ସେବାୟତ ମାନେ ମଧ୍ୟ ହଇରାଣ ହରକତ ହେଉଥିଲେ. ମନ୍ଦିର ଖୋଲିବାକୁ ସେମାନେ ପ୍ରଶାସନ କୁ ଅନୁରୋଧ ମଧ୍ୟ କରିଥିଲେ .ବୁଧବାର ଧାନମଣ୍ଡଳ ଫାଣ୍ଡି ଅଧିକାରୀ ସଲିଲ ମଲ୍ଲିକ ଓ ବରିଷ୍ଠ ପରିଚାଳକ ପୁରୁଷୋତ୍ତମ ପଣ୍ଡା ଓ ଅନ୍ୟ ସେବାୟତଙ୍କ ଉପସ୍ଥିତିରେ ମନ୍ଦିର ର ଫାଟକ ଖୋଲାଯାଇଥିଲା।

## ଅସ୍ୱାସ୍ଥ୍ୟ ପରିବେଶରେ ଚଣ୍ଡିଖୋଲ ପରିବା ବଜାର

ଚଣ୍ଡିଖୋଲ:ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଟସ୍ଥଳ ହେଉଛି ଚଣ୍ଡିଖୋଲ ଛକ.ଏହି ଛକର ୧୬ ନ ଜାତୀୟ ରାଜପଥ କଡରେ ପରିବା ବଜ଼ାରଟି ରହିଅଛି .କୋଭିଡ ସଂକ୍ରମଣ ର ଆଶଙ୍କା କୁ ଦେଖି କିଛି ଦିନ ପାଇଁ ଜିଲ୍ଲା ପ୍ରଶାସନ ଏହି ବଜ଼ାର କୁ ଅନ୍ୟତ୍ର ସ୍ଥାନାନ୍ତର କରିଦେଇଥିଲେ ଏବେ ଏହି ପରିବବଜ଼ାର ଟି ତାର ପୁର୍ବସ୍ଥାନକୁ ଫେରିଆସିଛି .ଏବେ ଏହି ପରିବା ବଜ଼ାର ର ଗୋଟିଏ କଡରେ କୁଢ଼ କୁଢ଼ ଅଳିଆ ପଡି ପରିବେଶକୁ ନଷ୍ଟ କରୁଛି.ପ୍ରତିଦିନ ପାଖାପାଖି ୧୦୦ ରୁ ଉର୍ଧ ପରିବା ବେପାରୀ ଏଠାକୁ ପରିବାବିକିବାକୁ ଆସିଥାନ୍ତି .ଆଖପାଖର ୩୦ ରୁ ଉର୍ଧ ପଂଚାୟତର ଲୋକମାନେ ଏହି ପରିବା ବଜ଼ାର ଉପରେ ନିର୍ଭୟ କରିଥାନ୍ତି.ପରିବା ବିକିସାରି ବେପାରୀ ମାନେ ପଛ ପରିବା ,ପରିବା ଚୋପା ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ଗୋଟିଏ କଡରେ ପକେଇଦେବାରୁ ଏବେ ଏହି ଅବସ୍ଥା ଉପୁଜୁଛି .ଏବେ ବର୍ଷା ଦିନ ଥିବାରୁ ପରିବା ଚୋପା ଗୁଡିକ ପଚିସଢ଼ି ସେଥିରୁ ଦୁର୍ଗନ୍ଧ ବାହାରି ପରିବେଶକୁ ନଷ୍ଟ କରୁଛି .ଏବେ କୋଭିଡ ସଂକ୍ରମଣକୁ କମାଇବା ପାଇଁ ସ୍ୱସ୍ଥ କର ପରିବେଶରେ ରହିବ ଓ ସ୍ୱସ୍ଥ କର ଜିନିଷପତ୍ର କିଣିବା ପାଇଁ ପ୍ରଶାସନ ଅନୁରୋଧ କରୁଥିବା ବେଳେ ଏହି ଅଶ୍ୱସ୍ଥ କର ପରିବେଶରୁ ପରିବାପତ୍ର କିଣିବା ଫଳରେ ସଂକ୍ରାମକ ରୋଗ ହେବାର ସମ୍ଭାବନା ରହିଅଛି .କରନା ଭୁତାଣୁ ନଯାଉଣୁ ଏବେ ଚାରିଆଡେ ଡେଙ୍ଗୁ ରୋଗର ଭୟାଭୟତା ଦେଖାଦେଲାଣି .କେବଳ ପଚାସଢ଼ା ଓ ଜମିରହିଥିବା ଅଳିଆରୁ ଏହି ଡେଙ୍ଗୁ ର ଜୀବାଣୁ ବାହାରୁଥିବାରୁ ଚଣ୍ଡିଖୋଳେ ଛକରେ ଡେଙ୍ଗୁ ହେବାର ମଧ୍ୟ ସମ୍ଭାବନା ରହିଅଛି .କେବଳ ସଚେତନତା ଅଭାବରୁ କିଛି ପରିବା ବେପାରୀ ନିଜର ବଳକା ଓ ପଚାସଢ଼ା ପରିବା ଗୁଡିକ ଗୋଟିଏ କଡରେ ଫିଙ୍ଗିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଅଛି .ନିର୍ମଳ ପରିବେଶରେ ରହିଲେ ନିଜର ସ୍ୱାସ୍ଥ୍ୟ ଭଲ ରହିବା ସହିତ ନିରୋଗ ରହିବାର ସମ୍ଭାବନା ଥିଲା ବେଳେ ପରିବା ବେପାରୀମାନେ ନିଜେ ସଚେତନ ରହିଲେ ଏପରି ସମସ୍ୟା ହୁଅନ୍ତା ନାହିଁ ବୋଲି କିଛି ପୁରୁଖା ବେପାରୀ ମାନେ କହିଛନ୍ତି.ପ୍ରତିଦିନ ଶତାଧିକ ବାହାର ରାଜ୍ୟର ଲୋକମାନେ ଏଇ ଛକଦେଇ ଯାତାୟାତ କରୁଥିବା ବେଳେ ଏପରି ଅଶ୍ୱସ୍ଥକର କର ପରିବେଶ ଦେଖିଲେ ଚଣ୍ଡିଖୋଲ ପ୍ରତି ସେମାନଙ୍କର ଖରାପ ଭାବନା ଜାଗ୍ରତ ହେବାର ମଧ୍ୟ ସମ୍ଭାବନା ରହିଅଛି.ସ୍ଥାନୀୟ ପ୍ରଶାସନ ମଧ୍ୟ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଅଛି।

## ଧାରା ୩୭୦ ଉଚ୍ଛେଦ ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ



କେନ୍ଦ୍ରାପଡ଼ା : ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ରାଷ୍ଟ୍ରନିର୍ମାଣ ଅଭିଯାନ"ପକ୍ଷରୁ ଧାରା ୩୭୦ଉଚ୍ଛେଦର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଆୟୋଜିତ "ଧାରା ୩୭୦ ଉଚ୍ଛେଦ : ବିକାଶର ନୂଆ ମାର୍ଗ"ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବିନାରାୟଣ ପତି ଯୋଗଦେଇ ୩୭୦ଧାରା ଉଚ୍ଛେଦ ପରେ ସମଗ୍ର ଦେଶରେ ରାଷ୍ଟ୍ରଜାଗରଣ ହେବା ସହିତ ଗୋଟିଏ ଦେଶରେ ଗୋଟିଏ ଆଇନ ସ୍ୱପ୍ନ ସତ ହୋଇଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଆଇନଜୀବୀ ସଞ୍ଜୟ କୁମାର ପତ୍ରୀ ଧାରା ୩୭୦ ଉଚ୍ଛେଦ ଅଖଣ୍ଡ ଭାରତ ସ୍ୱପ୍ନକୁ ସାକାର କରିବା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି ବୋଲି ମତବ୍ୟକ୍ତ କରିଥିଲେ । ଆଲୋଚନାଚକ୍ରରେ ସଭାପତିତ୍ୱକରି ଯୁବ ଆଇନଜୀବୀ ବିଭୁତି ଭୂଷଣ କର ଜମ୍ମୁ କାଶ୍ମୀର ଏକ ସମୃଦ୍ଧ ଭାରତର ସ୍ୱପ୍ନକୁ ସାକାର କରିବା ସହ ଭାରତବର୍ଷକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ଆଗାମୀ ଦିନରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାତୃଦତ୍ତ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମଳୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରସନ୍ନ କୁମାର ପରିଡା ଶାନ୍ତିମନ୍ତ୍ର ପାଠ କରିଥିଲେ। ପ୍ରାରମ୍ଭରେ ଭାରତମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଅତିଥି ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ବହୁ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରଭୃତି ଅଂଶଗ୍ରହଣ କରିଥିଲେ।

## ଶ୍ରୀ ଶ୍ରୀ ଠାକୁର ଯମୁନା ଦାସଙ୍କ ୯୮ ତମ ଜୟନ୍ତୀ



ନେଉଳପୁର: ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ସୋଲର ଗ୍ରାମ ପଂଚାୟତସ୍ଥିତ ଉଦାସ ଆଶ୍ରମରେ ଶ୍ରୀ ଶ୍ରୀ ଠାକୁର ଯମୁନା ଦାସଙ୍କ ୯୮ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଠାକୁରଙ୍କ ଶିଷ୍ୟ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଯଜ୍ଞେଶ୍ୱରା ନନ୍ଦ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ଆଶ୍ରମରେ ପ୍ରଭାତି ପ୍ରାର୍ଥନା ସମୂହ ଗୁରୁଦେବଙ୍କ ଷୋଡଶ ଉପଚାରପୂଜା ଚତୁର୍ଦ୍ଧା ମୂର୍ତୀଙ୍କ ଷୋଡଶ ଉପଚାର ପୂଜା ଗୁରୁ ଅଭିଷେକ ପୂଜା ,ଏକଦିବସୀୟ ଯଜ୍ଞ,ସତସଙ୍ଗ ଓ ନାମ ସଂକୀର୍ତନରେ ଉଦାସ ଆଶ୍ରମ ପରିବେଶ ଖୁବ୍ ଭକ୍ତିମୟ ହୋଇ ଉଠିଥିଲା । ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ସଂଯୋଜନାରେ ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମରେ ବହୁ ଦୂରଦୂରାନ୍ତର ଉଦାସପନ୍ଥୀ ସନ୍ଥ କବିନ୍ଦ୍ର ବିଦ୍ୟାର୍ଥୀ ,ବାବା ଉଦ୍ଧବ ଚନ୍ଦ୍ର ଦାସ,ବାବା ଗିରିଜାନନ୍ଦ ,ଜଗତସିଂହପୁରରୁ ବାବା ସୀତାରାମ ଦାସ,ଡଃ ସରୋଜ ଜେନା,କିର୍ତନପ୍ରେମୀ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରସନ୍ନ କୁମାର ଶତପଥି ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଆଶ୍ରମ ସେବକ ସତ୍ୟରଂଜନ ଦାସ ପାରିଚାଳନା କରିଥିଲେ । ପର୍ଡିତ ଖଗେଶ୍ୱର ରଥ,ନିଳମଣି ପଣ୍ଡା,ଶଶିଭୂଷଣ ନାୟକ,ରବିନ ଖଣ୍ଡାୟତ ରାୟ,ବିଜୟ କୁମାର ପଣ୍ଡା ଯଜ୍ଞ ଓ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray